


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୧୮୪ ● ୧ ଅଗଷ୍ଟ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-184 ● 1st August 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଏକ ପେଡ୍ ମା କେ ନାମ୍–୨.୦

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଓଡ଼ିଶାରେ ଲାଗିବ ୭୫ ଲକ୍ଷ ଗଛ

**ଭୁବନେଶ୍ୱର, ୩୧।୭**

**ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ସେପ୍ଟେମ୍ବର ୧୭ ତାରିଖରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୫ ବର୍ଷରେ ପ୍ରଦାର୍ପଣ କରିବାକୁ ଯାଉଛନ୍ତି । ଦେଶପ୍ରତି, ବିଶେଷକରି ଓଡ଼ିଶା ପ୍ରତି, ପ୍ରଧାନମନ୍ତ୍ରୀଙ୍କ ଅନେକ ଅବଦାନ ରହିଛି। ଗତ ବର୍ଷ ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସି ଆମର ମା'ମାନଙ୍କ ସମ୍ମାନରେ 'ସୁଭଦ୍ରା' ଯୋଜନା ଶୁଭାରମ୍ଭ କରିଥିଲେ। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ଓଡ଼ିଶାବାସୀଙ୍କ ପ୍ରତି ସଦିଚ୍ଛାର ସମ୍ମାନ ଜଣାଇ 'ଏକ ପେଡ ମା କେ ନାମ' ଅଭିଯାନରେ ସେପ୍ଟେମ୍ବର ୧୭ ତାରିଖରେ ଓଡ଼ିଶାରେ ଗୋଟିଏ ଦିନରେ ଲାଗିବ ୭୫ ଲକ୍ଷ ଗଛ। ଏହା ହେବ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଉପହାର।



ଗୁରୁବାର ଲୋକସେବାଭବନରେ 'ଏକ ପେଡ ମା କେ ନାମ' ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। *(ପୃଷ୍ଠା ୭ରେ)*

## ଓଡ଼ିଶା ସମେତ ୬ ରାଜ୍ୟର ୪ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

# ଖର୍ଚ୍ଚ ହେବ ୧୧,୧୬୯ କୋଟି, ୨୦୨୮–୨୯ ସୁଦ୍ଧା ଶେଷ ହେବ

**ନୂଆଦିଲ୍ଲୀ, ୩୧।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ରେଳ ମନ୍ତ୍ରଣାଳୟର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏସବୁ ପ୍ରକଳ୍ପ ପାଇଁ ୧୧,୧୬୯ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ରେଳ ପ୍ରକଳ୍ପ ଗୁଡ଼ିକ ହେଲା: ଇଟାର୍ସି–ନାଗପୁର ଚତୁର୍ଥ ଲାଇନ, ଛତ୍ରପତି ଶମ୍ଭାଜୀନଗର (ଔରଙ୍ଗାବାଦ)–ପରଭଣୀ ଲାଇନ ଦୋହରୀକରଣ, ଆଲୁଆବାରି ରୋଡ୍–ନ୍ୟୁ ଜଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ ଲାଇନ, ଡାଙ୍ଗପୋଷୀ–ଜରୋଲି ତୃତୀୟ ଓ ଚତୁର୍ଥ ଲାଇନ । ଏହାଦ୍ୱାରା ଓଡ଼ିଶା ସମେତ ୬ଟି ରାଜ୍ୟର ୧୩ଟି ଜିଲ୍ଲା ଉପକୃତ ହେବେ।

ବର୍ଦ୍ଧିତ ଲାଇନ କ୍ଷମତା ଟ୍ରେନର ଗତିଶୀଳତାକୁ ଯଥେଷ୍ଟ ବୃଦ୍ଧି କରିବ, ଯାହା ଫଳରେ ଭାରତୀୟ ରେଳବାଇ ପାଇଁ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବା ନିର୍ଭରଯୋଗ୍ୟତା ଉନ୍ନତ ହେବ। ଏହି ଲାଇନ ଦୋହରୀକରଣ ପ୍ରକଳ୍ପଗୁଡ଼ିକ ଟ୍ରେନ ଚଳାଚଳକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବା ପାଇଁ *(ପୃଷ୍ଠା ୭ରେ)*



# ଆଜି କ୍ୟାବିନେଟ୍

**ଭୁବନେଶ୍ୱର, ୩୧।୭**

**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ଅପରାହ୍ନ ସାଢେ ୫ଟାରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା କ୍ୟାବିନେଟ୍ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ସହିତ ମଞ୍ଜୁରୀ କରାଯାଇପାରେ ବୋଲି ଜଣାପଡିଛି।

# ପୁରୀ ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେଲେ ଉନ୍ନୟନ କମିଶନର

**ଭୁବନେଶ୍ୱର, ୩୧।୭ : ନ୍ୟୁଜ୍ ବ୍ୟୁରୋ**

ରଥଯାତ୍ରା ସମୟରେ ପୁରୀ ଶରଧାବାଲିରେ ଦଳାଚକଟା ଘଟଣା ନେଇ ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ବୁଧବାର ଉନ୍ନୟନ କମିଶନର ଅନୁ ଗର୍ଗ ଏହି ରିପୋର୍ଟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଛନ୍ତି। ଶ୍ରୀମତୀ ଗର୍ଗ ଲୋକସେବାଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ରିପୋର୍ଟ ପ୍ରଦାନ କରିଥିଲେ। ତଦନ୍ତ ରିପୋର୍ଟ ଉପରେ ବିଚାର ଆଲୋଚନା କରିବା ପରେ ସରକାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ଏଠାରେ ସୂଚନା ଯୋଗ୍ୟ ଗତ ଜୁନ ୨୯ ତାରିଖ ଭୋର ସକାଳୁ ଶରଧାବାଲିରେ ଦଳାଚକଟା ହୋଇଥିଲା। ଏହି ଅଘଟଣରେ *(ପୃଷ୍ଠା ୭ରେ)*



# ସୁଭଦ୍ରା ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ

**ଭୁବନେଶ୍ୱର, ୩୧।୭ : ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ 'ସୁଭଦ୍ରା' ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସୁଭଦ୍ରା ଯୋଜନାର ପ୍ରଭାବୀ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ଓ ତଦାରଖ କରିବା *(ପୃଷ୍ଠା ୭ରେ)*




DSPL-188

ସତ୍ୟମେବ ଜୟତେ

ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

### ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୧୪ ଅଗଷ୍ଟକୁ ବୃଦ୍ଧି

**ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ**

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, ବ୍ୟାଙ୍କ ଶାଖା କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

**ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ**

ପଞ୍ଜିକରଣର ଶେଷ ତାରିଖ
**୧୪ ଅଗଷ୍ଟ ୨୦୨୫**

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0031/2526

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ଅଗଷ୍ଟ ୨୦୨୫ ଶୁକ୍ରବାର





# ପଦ୍ମପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ସାଂସଦ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲା ପଦ୍ମପୁର ଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯାଉ। ଏନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁରୋଧ କରିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । କେନ୍ଦ୍ରୀୟ ବିଦ୍ୟାଳୟ ଦେଶର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ । ତେଣୁ ଏହାର ସ୍ଥାପନା ହେଲେ ପଦ୍ମପୁର ଅଞ୍ଚଳର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ଉଚ୍ଚ ସ୍ତରୀୟ ଶିକ୍ଷା ବ୍ୟବସ୍ଥା ନିର୍ମାଣ ହୋଇପାରିବ । ଯାହାଦ୍ୱାରା ସାଧାରଣ ଜନତା ଓ ଚାଷୀଙ୍କ ଶିଶୁମାନେ ଉପକୃତ ହେବେ ବୋଲି କହିଛନ୍ତି ପ୍ରଦୀପ ପୁରୋହିତ । ଏହାସହ ସରକାରୀ କର୍ମଚାରୀ ମାନେ ଏହାର ଲାଭ ଉଠାଇପାରିବେ । ଦୀର୍ଘ ଦିନର ଆକାଂକ୍ଷାକୁ ପୂରଣ କରିବାରେ ମନ୍ତ୍ରଣାଳୟର ସମର୍ଥନକୁ ଅପେକ୍ଷା କରିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କହିଛନ୍ତି ବରଗଡ଼ ସାଂସଦ । ସୂଚନାଯୋଗ୍ୟ, ପଦ୍ମପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଦୀର୍ଘ ଦିନରୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମଧ୍ୟ ଏନେଇ କେନ୍ଦ୍ର ନିକଟରେ ଦାବି କରି ଆସୁଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସାଂସଦ ଭେଟିବା ପରେ ଖୁବ୍‌ଶୀଘ୍ର ମନ୍ତ୍ରଣାଳୟ ଏ ଦିଗରେ ଗ୍ରୀନ୍ ସିଗ୍ନାଲ୍ ମିଳିବ ବୋଲି ଲୋକେ ଆଶା ରଖିଛନ୍ତି ।



# ଏମ୍‌କେସିଜିରେ ହେଲିପ୍ୟାଡ୍ ବିଳମ୍ବ ପଛରେ ଅସୁରକ୍ଷିତ କୋଠା

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଏମ୍‌କେସିଜିରେ ହେଲିପ୍ୟାଡ୍ ହେବ । ହେଲିକପ୍ଟରରେ ଗୁରୁତର ରୋଗୀ ଏୟାରଲିଫ୍ଟ ହେବେ । ଏ ସ୍ୱପ୍ନ ଆଜିର ନୁହେଁ, ବରଂ ବର୍ଷ ବର୍ଷ ଧରି ଏମିତି ଗୋଲାପି ସ୍ୱପ୍ନ ସରକାର ଦେଖାଇ ଚାଲିଛନ୍ତି । ସରକାର ବଦଳୁଛନ୍ତି ସିନା ବ୍ରହ୍ମପୁରରୁ ଗୁରୁତର ରୋଗୀ ଏୟାରଲିଫ୍ଟ ହେବା ସ୍ୱପ୍ନରେ ରହିଯାଇଛି । ନିକଟରେ ଏନେଇ ଖବର ପ୍ରକାଶ ପରେ ସହରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତୁରନ୍ତ ଏମ୍‌କେସିଜିରୁ ଗୁରୁତର ରୋଗୀଙ୍କୁ ଏୟାରଲିଫ୍ଟ ବ୍ୟବସ୍ଥା କରାଇବାକୁ ଦାବି ହୋଇଛି । ଅନ୍ୟପଟେ, ଏମ୍‌କେସିଜିରେ ହେଲିପ୍ୟାଡ୍ ନହେବା ପଛରେ କାରଣ ସାମ୍ନାକୁ ଆସିଛି । ହସ୍‌ପିଟାଲ୍ ପରିସରରେ ଥିବା ଅସୁରକ୍ଷିତ କୋଠା ଏଥିପାଇଁ କଣ୍ଟା ସାଜିଛି । ଦକ୍ଷିଣ ଓଡ଼ିଶାବାସୀଙ୍କ ପାଇଁ ଏମ୍‌କେସିଜି ବରଦାନ ସଦୃଶ୍ୟ । ସାଧାରଣ ରୋଗୀଙ୍କ ଠାରୁ ଆରମ୍ଭ କରି ଗୁରୁତର ରୋଗୀ ଏହି ବଡ଼ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି । ପ୍ରତିଦିନ ହଜାର ହଜାର ରୋଗୀ ଏଠାକୁ ଭଲ ହେବା ଆଶାରେ ଆସନ୍ତି । ହେଲେ ଅନେକ ଗୁରୁତର ରୋଗୀ ଚିକିତ୍ସା ଅଭାବରୁ ଆଖି ବୁଜି ଦେଉଛନ୍ତି । ୨୦୨୩ରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାରେ ଏଠାରୁ ଗୁରୁତର ରୋଗୀଙ୍କୁ ଏୟାରଲିଫ୍ଟ କରାଇବାକୁ ବ୍ୟବସ୍ଥା କରିଥିଲେ ସରକାର । ଏଥିପାଇଁ ମେଡ଼ିକାଲ୍ ପରିସରରେ ହେଲିପ୍ୟାଡ୍ ଲାଗି ସ୍ଥାନ ଚିହ୍ନଟ ହୋଇଥିଲା । ହେଲିକପ୍ଟର କିଣିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ଟେଣ୍ଡର ବି ଡାକିଥିଲା । ସବୁ କିନ୍ତୁ ଆଶାରେ ରହିଗଲା । ଆଜି ପର୍ଯ୍ୟନ୍ତ ପ୍ରସ୍ତାବିତ ସ୍ଥାନରେ ନା ହେଲିପ୍ୟାଡ୍ ହୋଇ ପାରୁଛି ନା ଏଥିଲାଗି ସରକାର ବନ୍ଦୋବସ୍ତ କରୁଛନ୍ତି । କେବଳ ଦକ୍ଷିଣ ଓଡ଼ିଶା ନୁହେଁ ବରଂ ଖୋର୍ଦ୍ଧା ଓ ପୁରୀ ଜିଲ୍ଲା ସୀମାନ୍ତ ଅଞ୍ଚଳବାସୀଙ୍କ ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବହୁ ରୋଗୀ ଉତ୍ତମ ଚିକିତ୍ସା ଆଶାରେ ଏଠାକୁ ଆସିଥାନ୍ତି । ରୋଗୀ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ବିଭିନ୍ନ ବିଭାଗ ଲାଗି ସ୍ୱତନ୍ତ୍ର ଭାବେ ବହୁତଳ କୋଠା ନିର୍ମାଣ ହୋଇଛି । ହେଲେ ଦୀର୍ଘ ୧୦ ବର୍ଷ ହେଲା ଅସୁରକ୍ଷିତ ଘୋଷଣା ହୋଇଥିବା ପୁରୁଣା କୋଠାଟି ମେଡ଼ିକାଲ୍ ମଧ୍ୟ ଭାଗରେ ଏବେ ବି ବିପଦଜନକ ଅବସ୍ଥାରେ ରହିଛି । ଏହି କୋଠା ଭାଙ୍ଗିଲେ ଏଠାରେ ହେଲିପ୍ୟାଡ୍ ନିର୍ମାଣ ହେବାକୁ ପ୍ରସ୍ତାବ ରହିଥିଲା, ଯାହା ଆଜି ଯାଏଁ କାର୍ଯ୍ୟକାରୀ ହୋଇପାରୁନି । ୨୦୧୪ ମସିହାରେ ଏହି କୋଠାକୁ ୫୦ ବର୍ଷ ପୁରୁଣା ଦେଖାଇ ଅସୁରକ୍ଷିତ ଘୋଷଣା କରାଯାଇଥିଲା । ନୂଆ କୋଠା ନିର୍ମାଣ ପରେ ୨୦୧୮ ମସିହାରେ ପ୍ରାୟ ସମସ୍ତ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଦୀର୍ଘ ୭ ବର୍ଷ ହେଲା ତାହା ଭଙ୍ଗା ଯାଉନି । କୋଠା ଭାଙ୍ଗିବା ଓ ନୂଆ କୋଠା ନିର୍ମାଣ ପାଇଁ ୯ ଶହ କୋଟି ଟଙ୍କା ଟେଣ୍ଡର ବାହାରିବା ପରେ ବି ତାହା କାର୍ଯ୍ୟକ୍ଷମ ହୋଇପାରିଲାନାହିଁ । କିଛି ମାସ ତଳେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏମ୍‌କେସିଜି ପରିଦର୍ଶନରେ ଆସିଥିଲେ । ସେତେବେଳେ ବିଭିନ୍ନ ସମସ୍ୟାର ସମୀକ୍ଷା କରିବା ପରେ ପୁରୁଣା କୋଠାକୁ ଭାଙ୍ଗି ସେଠାରେ ୯ ମହଲା ବିଶିଷ୍ଟ ନୂଆ କୋଠା ନିର୍ମାଣ ଲାଗି ନିଷ୍ପତି ହୋଇଥିଲା । ଏପରିକି ଏଥିଲାଗି ୧୦୩୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା । ଏହାର ଦାୟିତ୍ୱ ଓବିସିସିକୁ ଦିଆଯାଇଥିବା ପୂର୍ବତନ ମେଡ଼ିକାଲ୍ ଅଧିକ୍ଷକ ପ୍ରଫେସର ଡ଼ା. ସୁଚିତ୍ରା ଦାସ ସେତେବେଳେ ସୂଚନା ଦେଇଥିଲେ । ଆଜି ପର୍ଯ୍ୟନ୍ତ ଏହି କୋଠା ଭାଙ୍ଗିବା କାମ ଆରମ୍ଭ ହେବା ତ ଦୂରର କଥା ଟେଣ୍ଡର ବାହାରିଲା କି ନାହିଁ କେହି କହିପାରୁନାହାନ୍ତି । ଏନେଇ ଅଧିକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀଙ୍କୁ ପଚାରିବାରେ ତାଙ୍କ ନିକଟରେ ସବିଶେଷ ତଥ୍ୟ ନଥିବା କହିଛନ୍ତି । ଏ ସମ୍ପର୍କରେ ସେ କାର୍ଯ୍ୟାଳୟରେ ପଚାରି ଜଣାଇବେ ବୋଲି କହିଛନ୍ତି । ତେବେ ପୁରୁଣା କୋଠା ନ ଭାଙ୍ଗିଲେ ପ୍ରସ୍ତାବିତ ହେଲିପ୍ୟାଡ୍ ଲାଗି ସ୍ଥାନ ବାହାରିବା ମୁସ୍କିଲ୍ । ହେଲିପ୍ୟାଡ୍ ନହେଲେ ଗୁରୁତର ରୋଗୀ ସେମିତି ଅକାଳରେ ପ୍ରାଣ ହରାଇବା ଛଡ଼ା ଅନ୍ୟ ବାଟ ନାହିଁ ।



# ୫ ଦଫା ଦାବି ନେଇ ସିଆର୍‌ପିସିଏମ୍ ଆସୋସିଏସନ୍ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ଶାଖା ଅଲ୍ ଓଡ଼ିଶା ସିଆରପିସିଏମ୍ ଆସୋସିଏସନ୍ ପକ୍ଷରୁ ୫ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆସୋସିଏସନ୍ ଜିଲ୍ଲା ସଭାପତି ସନ୍ତୋଷି ଦାସ ଓ ସମ୍ପାଦିକା ପାର୍ବତୀ ଦାସଙ୍କ ନେତୃତ୍ୱରେ ସିଆରପିସିଏମ୍ ମାନେ ଥାନା ଛକ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସିଆରପିସିଏମ୍ ମାନଙ୍କର ଇନ୍‌ସେନ୍‌ଟିଭ ବନ୍ଦ କରାଯାଇ ମାସିକ ୧୮ ହଜାର ଟଙ୍କା ବେତନ ପ୍ରଦାନ, ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟାବଲେଟ ମେସିନ୍, ସିଆରପିସିଏମ୍ ମାନଙ୍କୁ ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଆକାଉଣ୍ଟରେ ପ୍ରଦାନ, ସିଆରପିସିଏମ୍ ମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଓ ମାସିକ ଏସ୍ଏଚ୍‌ଜି ବୈଠକ ଦୁଇଟି ଡକାଯିବା ଦାବିକୁ ନେଇ ଡିପିଏମ୍ ଜଗତସିଂହପୁରଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲ୍ଲାପାଳ ଅଶୋକ କୁମାର ଗିରିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସରକାର ଏହି ଦାବି ଗୁଡିକୁ ତୁରନ୍ତ ମାନି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆସୋସିଏସନ୍ ଦାବି ରଖିଛି । ଯଦି ସରକାର ୭ ଦିନ ମଧ୍ୟରେ ସିଆରପି ସିଏମ୍‌ମାନଙ୍କ ୫ ଦଫା ଦାବି ଗୁଡିକ ପୂରଣ ନକରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର୍ କରାଯିବ ବୋଲି ଆସୋସିଏସନ୍ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ମଣ୍ଡିରେ ଧାନ ବିକ୍ରି ଟଙ୍କା ନପାଇ ବ୍ଲକ କାର୍ଯ୍ୟାଳୟରେ ଚାଷୀଙ୍କ ହୋହାଲ୍ଲା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକରେ ଥିବା ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଚାଷୀଙ୍କ ହୋ ହାଲ୍ଲା ଦେଖିବାକୁ ମିଳିଛି । ଅଭିଯୋଗ ଶୁଣାଣି ଆରମ୍ଭରୁ ଶତାଧିକ ଚାଷୀ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ରବି ଧାନ ବିକ୍ରି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟଙ୍କା ପାଇନଥିବାରୁ ଧାରଣା ଦେଇଛନ୍ତି ଚାଷୀମାନେ । ଏହାକୁ ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମ୍ପୃକ୍ତ ଅଧିକାରୀମାନେ ଶୁଣୁ ନଥିବାରୁ ବାଧ୍ୟ ହୋଇ ଚାଷୀମାନେ ଅଭିଯୋଗ ଶୁଣାଣି ଶିବିରରେ ହୋହାଲ୍ଲା କରିଛନ୍ତି । ଫଳରେ ତରଭା ବ୍ଲକରେ ଥିବା ଅଭିଯୋଗ ଶୁଣାଣି ଶିବିର ସାମାନ୍ୟ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି । ଚାଷୀଙ୍କ ଗୋଟିଏ ଜିଦ୍ ରବି ଋତୁ ଧାନ ବିକ୍ରୀ ଟଙ୍କା ତୁରନ୍ତ ଦରକାର । ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି । ଘଟଣାସ୍ଥଳରେ ଚାଷୀ ଓ ଅଧିକାରୀଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିବା ଜଣାପଡ଼ିଛି । ଅପରପକ୍ଷରେ କାର୍ଯ୍ୟରେ ଯୋଗଦେଇଥିବା ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଚାଷୀଙ୍କ ସହ ଆଲୋଚନା କରି ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏନେଇ ଏକ କମିଟି ଗଠନ କରାଯାଇଥିବା ବେଳେ ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି ସହକାରୀ ଯୋଗାଣ ଅଧିକାରୀ ।

# ‘ମୁକ୍ତା’ ଯୋଜନା ଅର୍ଥ ହେର୍‌ଫେର୍ ଅଭିଯୋଗର ତଦନ୍ତ ଆରମ୍ଭ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ



ଚୌଦ୍ୱାର ପୌରପାଳିକାରେ ପୂର୍ବରୁ ମୁକ୍ତା ଯୋଜନାରେ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ବ୍ୟାପକ ଅର୍ଥ ହେର୍‌ଫେର୍ ହୋଇଥିବା ଅଭିଯୋଗ ଉପରେ ସରକାରୀ ସ୍ତରରେ ତଦନ୍ତ ଆରମ୍ଭ ହୋଇଛି । ବିଭିନ୍ନ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ସୂଚନା ଅଧିକାର କର୍ମୀ ମନୋରଞ୍ଜନ ସାହୁ ଅଭିଯୋଗ କରିଥିଲେ । ବିଶେଷକରି ପୌରପାଳିକା ୨ନଂ ୱାର୍ଡରେ ୧୨ ଲକ୍ଷ ବ୍ୟୟରେ ଜଗିଂ ଟ୍ରାକ୍, ୧୦ ଲକ୍ଷ ୫୦ ହଜାର ଟଙ୍କାରେ ଗାନ୍ଧିଛକ ମାର୍କେଟ୍ କମ୍ପ୍ଲେକ୍ସ ସମ୍ମୁଖରେ ନିର୍ମିତ ପେଭର ବ୍ଲକ ରାସ୍ତା ଓ ୧୭ନଂ ୱାର୍ଡରେ ୨୨ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ଜଗିଙ୍ଗ ଟ୍ରାକ୍ ଓ ମିନିପାର୍କ ଆଦିରେ ବ୍ୟାପକ ଅର୍ଥ ହେର୍‌ଫେର୍ ହୋଇଥିବା ଶ୍ରୀ ସାହୁ ଅଭିଯୋଗ କରି ଏହାର ବିଧିବଦ୍ଧ ତଦନ୍ତ ପାଇଁ ପୌରନିର୍ବାହୀ ଅଧିକାରୀ, କଟକ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଆଦିଙ୍କୁ ଆବେଦନ କରିଥିଲେ । କଟକ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା) ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ ପୌରନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ବାଙ୍କୀ ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ କୁମାର ବିଶ୍ୱାଳ, ବାଙ୍କୀ ପୌରଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ ଓ ହିସାବ ରକ୍ଷକ ସୁଶାନ୍ତ କୁମାର ବେହେରା, ଚୌଦ୍ୱାର ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସଞ୍ଜୟ ସାମଲ ପ୍ରମୁଖଙ୍କୁ ନେଇ ଗଠିତ ଏକ ଟିମ୍ ବୁଧବାର ଦିନ ଉପରୋକ୍ତ ୩ଟି ୱାର୍ଡକୁ ଯାଇ ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିବା ସହିତ ଏଥିରେ ହୋଇଥିବା ଖର୍ଚ୍ଚର ଆକଳନ କରିଥିବା ଜଣାପଡିଛି । ଟିମ୍‌ର ସଦସ୍ୟମାନେ ଚୌଦ୍ୱାର ପୌର କାର୍ଯ୍ୟାଳୟରେ ଅଧିକ ତଦନ୍ତ ଜାରୀ ରଖିଛନ୍ତି । ଘଟଣାର ସତ୍ୟାସତ୍ୟ ତଦନ୍ତ ପରେ ଜଣାପଡିବ ବୋଲି ଚୌଦ୍ୱାର ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର କହିଛନ୍ତି ।

# ଟାଟା ପାୱାର ପକ୍ଷରୁ ସବୁଜ ଶକ୍ତି ଦକ୍ଷତା କେନ୍ଦ୍ରର ଶୁଭାରମ୍ଭ



କଟକ, ନ୍ୟୁଜ୍ ବ୍ୟୁରୋ

ଟାଟା ପାୱାର ପକ୍ଷରୁ ଏହାର ଦକ୍ଷତା ବିକାଶ ଶାଖା, ଟାଟା ପାୱାର ସ୍କିଲ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଟିପିଏସ୍‌ଡିଆଇ) ଜରିଆରେ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ସହଯୋଗିତାରେ ଓଡ଼ିଶାର କଟକରେ ଟିପିଏସ୍‌ଡିଆଇ ଗ୍ରିନ୍ ଏନର୍ଜି ସ୍କିଲ୍ ସେଣ୍ଟର (ସବୁଜ ଶକ୍ତି ଦକ୍ଷତା କେନ୍ଦ୍ର)ର ଶୁଭାରମ୍ଭ କରାଯାଇଛି । ଅକ୍ଷୟ ଶକ୍ତି କ୍ଷେତ୍ରରେ ଭବିଷ୍ୟତ ପାଇଁ ଦକ୍ଷତା ପ୍ରସ୍ତୁତ ସହ ଓଡ଼ିଶାର ଯୁବବର୍ଗଙ୍କୁ ସଶକ୍ତ କରିବା ଏବଂ ଭାରତର ସ୍ୱଚ୍ଛ ଶକ୍ତି ବିପ୍ଳବରେ ସହାୟତା ଦେବା ଦିଗରେ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି କେନ୍ଦ୍ରକୁ କଟକର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଆଇଏଏସ୍ ଦତାତ୍ରେୟ ଭାଉସାହେବ ସିନ୍ଦେ ଉଦ୍‌ଘାଟନ କରିଥିବା ବେଳେ ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ୍, ଟାଟା ପାୱାର ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ ଓ ଟିପିଏସ୍‌ଡିଆଇର ମୁଖ୍ୟ ଆଲୋକ ପ୍ରସାଦ ଉପସ୍ଥିତ ଥିଲେ । ଟିପିଏସ୍‌ଡିଆଇ-କଟକ କେନ୍ଦ୍ର ପକ୍ଷରୁ ସୌରଶକ୍ତି ବ୍ୟବସ୍ଥା ସ୍ଥାପନ, ରକ୍ଷଣାବେକ୍ଷଣ, ଶକ୍ତି ଦକ୍ଷତା ଓ ବୈଦ୍ୟୁତିକ ସୁରକ୍ଷା ଭଳି ଅକ୍ଷୟଶକ୍ତି ପ୍ରଯୁକ୍ତି ଉପରେ ଶିକ୍ଷ ସମନ୍ୱିତ ପ୍ରାକ୍ଟିକାଲ୍ ତାଲିମ୍ ପ୍ରଦାନ କରାଯିବ । ଏନ୍‌ସିଭିଇଟି ଓ ଏନ୍‌ଏସ୍‌ଡିସି ମାନ ଅନୁସାରେ ଏହି କାର୍ଯ୍ୟକ୍ରମଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । ଏହା ଭାରତ ସରକାରଙ୍କ ପ୍ରମୁଖ ଅଭିଯାନ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍‌ତ ବିଜିଲି ଯୋଜନା (ପିଏମ୍ଏସ୍‌ଜିଏମ୍‌ବିୱାଇ) ଓ ରାଜ୍ୟ ସରକାରଙ୍କ ରୁଫ୍‌ଟପ୍ ସୋଲାର ଗ୍ରହଣୀୟତା ମିସନ୍‌କୁ ସମର୍ଥନ କରିବ । ଅଂଶଗ୍ରହଣକାରୀମାନେ ଜାତୀୟ ସ୍ୱୀକୃତିପ୍ରାପ୍ତ ସାର୍ଟିଫିକେସନ୍ ହାସଲ୍ କରିବେ ଯାହା ଦ୍ରୁତ ଗତିରେ ବଦଳୁଥିବା ସବୁଜ ଶକ୍ତି କ୍ଷେତ୍ରରେ ନିଯୁକ୍ତି ହାସଲ କରିବା କ୍ଷମତାରେ ଉନ୍ନତି ଆଣିବ । ଏହି କେନ୍ଦ୍ର ଓଡ଼ିଶାର ଯୁବବର୍ଗଙ୍କୁ ସୋଲାର ଫଟୋ ଭୋଲଟାଇକ ପ୍ରଯୁକ୍ତି ସମ୍ପର୍କିତ ତାଲିମ୍ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ରୁଫ୍‌ଟପ୍ ସମନ୍ୱୟ ପାଇଁ ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରର କ୍ଷେତ୍ର ପ୍ରସ୍ତୁତି ଓ ବୈଷୟିକ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ଟିପିଏସ୍‌ଡିଆଇ ପକ୍ଷରୁ ଗ୍ରିଡ୍-ସଂଯୁକ୍ତ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା ଉପରେ ଡିସକମ ଅଧିକାରୀମାନଙ୍କ ପାଇଁ ଏକ ବ୍ୟାପକ ଷ୍ଟୁଡେଣ୍ଟ ହ୍ୟାଣ୍ଡବୁକ୍ ମଧ୍ୟ ଉନ୍ମୋଚନ କରାଯାଇଛି ।

# ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ ସୋନାଲି ମାରାଣ୍ଡି

ବାରିପଦା, ନ୍ୟୁଜ୍ ବ୍ୟୁରୋ

ବଡ଼ସାହି ବ୍ଲକ ହାଇସ୍କୁଲ ସ୍ତରୀୟ ଜୁନିୟର ରେଡ଼କ୍ରସ୍ ଆନୁକୂଲ୍ୟରେ ଏଡ଼ସ୍ ସଚେତନତା ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବାଲିଯୋଡ଼ା ଗ୍ରାମସ୍ଥିତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ସୋନାଲି ମାର୍ଣ୍ଡି ପ୍ରଥମ ହୋଇ ବିଦ୍ୟାଳୟକୁ ଗୌରାବାନ୍ୱିତ କରିଛନ୍ତି । ଚଳିତ ଜୁଲାଇ ମାସ ୩୧ ତାରିଖରେ ବାରିପଦା ସ୍ଥିତ ମେଡିକାଲ୍ କଲେଜ ସମ୍ମିଳନୀ କକ୍ଷଠାରେ ହୋଇଥିବା ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ । ଏହି ସଫଳତା ପାଇଁ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ପାର୍ବତୀ ମୁର୍ମୁ, ଜେଆରସି ଶିକ୍ଷକ ଦୀପକ ରାମ, ପିଇଟି ପାର୍ଥସାରଥୀ ଜେନା, ଶିକ୍ଷୟତ୍ରୀ ରୋଜାଲିକା ଗିରି, ରେଖାରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି, ଅଫିସ ସହାୟକ ପଦ୍ମାବତୀ ମହାନ୍ତ, ମେଟ୍ରୋନ ସୁକାନ୍ତୀ ମହାନ୍ତ ପ୍ରମୁଖ ଶୁଭେଚ୍ଛା ଜଣେଇବା ସହ ଜିଲ୍ଲାସ୍ତରରେ ସଫଳତା କାମନା କରିଥିଲେ ।

# ଆଦିବାସୀ ଅଧ୍ୟୁଷିତ ପାହାଡ଼ି ଇଲାକାରେ ଦକ୍ଷତା ବିକାଶ ପାଇଁ ପ୍ରୟାସ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ପ୍ରଶାସନ ପରାମର୍ଶକ୍ରମେ ଆଦିବାସୀ ଅଧ୍ୟୁଷିତ ପାହାଡି ଇଲାକାରେ ଯୁବକ, ଯୁବତୀ ଓ ମହିଳା ମାନଙ୍କ ଦକ୍ଷତା ବିକାଶ ପାଇଁ ପ୍ରୟାସ କରାଯାଇଛି । ପାତ୍ରପୁର ବ୍ଲକ ଅନ୍ତର୍ଗତ ତଳ ବୁରାତାଲ ଆଦିବାସୀ ବସ୍ତିରେ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ସିଲେଇ ଓ ବିଭିନ୍ନ କ୍ଷେତ୍ରରେ ମହିଳା ଓ ଯୁବକ ଯୁବତୀମାନଙ୍କୁ ନେଇ ଦକ୍ଷତା ପାଇଁ ଚୟନ କରାଯାଇଛି । ଜନ ଶିକ୍ଷଣ ସଂସ୍ଥାନ ଗଞ୍ଜାମ ଜିଲ୍ଲା ନିର୍ଦ୍ଦେଶକ ମନୋଜ ବିଶ୍ୱାଳ, ବୋର୍ଡ ଅଫ୍ ମେମ୍ବର ତଥା ଓଡ଼ିଶା ସମ୍ବାଦିକ ସଂଘ ରାଜ୍ୟ ମହିଳା ଆବାହିକା ସୁଶ୍ରୀ ବିଜୟଲକ୍ଷ୍ମୀ ମହାକୁଡ଼, ଓଜେୟୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଜନଶିକ୍ଷଣ ସଂସ୍ଥାନ କର୍ମୀ ଉମାକାନ୍ତ ବେହେରା, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ପାହାଡି ଇଲାକାରେ ପହଞ୍ଚି ଆଦିବାସୀ ମହିଳା, କିଶୋର କିଶୋରୀ ମାନଙ୍କ ସହ ଭେଟି ଦକ୍ଷତା ବିକାଶ ନେଇ ସେମାନଙ୍କ ସହ ଆଲୋଚନା କରିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଟେଲରିଙ୍ଗ ପ୍ରଶିକ୍ଷକ ପ୍ରମିତା ପାତ୍ର ପ୍ରଶିକ୍ଷଣ ପ୍ରଦାନ କରିବା ସହ ଯୁବକ ଯୁବତୀ ମାନଙ୍କୁ ଏକଜୁଟ୍ କରି ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ସାହାଯକ ହୋଉଛନ୍ତି । ଆଗାମୀ ଦିନରେ ତୁମ୍ବା ଓ ଆଙ୍କୁଲି ପଞ୍ଚାୟତରୁ ଆଦିବାସୀ ଯୁବକ ଯୁବତୀ ଓ ମହିଳା ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ଜନ ଶିକ୍ଷଣ ସଂସ୍ଥାନ ଲକ୍ଷ ରଖିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଖୁସି ଜାହିର କରିଛନ୍ତି ।

# ଜେଆରଡି ଟାଟାଙ୍କ ଜୟନ୍ତୀ ଅବସରରେ ୩୧୭ ଜଣଙ୍କ ସ୍ୱେଚ୍ଛାକୃତ ରକ୍ତଦାନ



ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ନୀଳାଚଳ ଇସ୍ପାତ ନିଗମ୍ ଲିମିଟେଡ୍ ପକ୍ଷରୁ ଭାରତ ରତ୍ନ ଜେ.ଆର.ଡି ଟାଟାଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ଯାଜପୁର ଜିଲ୍ଲାର ଡୁବୁରୀ ସ୍ଥିତ କାରଖାନା ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଟିଏସ୍‌କେ ସେଣ୍ଟରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଟାଟା ଷ୍ଟିଲ କଳିଙ୍ଗନଗରର ମେକାନିକାଲ୍ ମେଣ୍ଟେନାନ୍ସ ମୁଖ୍ୟ ଶଙ୍କର ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ୍ ୱାର୍କର୍ସ ୟୁନିୟନ୍‌ର ସଭାପତି ରବୀନ୍ଦ୍ର କୁମାର ଜାମୁଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ବହୁ ବରିଷ୍ଠ ଅଧିକାରୀ, ୟୁନିୟନ୍ ପ୍ରତିନିଧି ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ଜୟନ୍ତୀ ଉତ୍ସବର ଅଂଶ ଭାବେ ଓଡ଼ିଶା ବ୍ଲଡ୍ ସେଣ୍ଟର, ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଏବଂ ସେଣ୍ଟ୍ରାଲ୍ ରେଡ଼କ୍ରସ୍ ବ୍ଲଡ୍ ସେଣ୍ଟର, କଟକଙ୍କ ସହଯୋଗରେ ପ୍ଲାଣ୍ଟ-୨ ଅଡିଟୋରିୟମ୍‌ରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ଟାଟା ଷ୍ଟିଲ୍ କର୍ମଚାରୀ, ଭେଣ୍ଡର୍ ପାର୍ଟନର୍ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ସମେତ ୩୧୭ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହାପୂର୍ବରୁ, ଟାଟା ଷ୍ଟିଲ୍‌ର ୱେଲନେସ୍ କମିଟି ପକ୍ଷରୁ କଳିଙ୍ଗନଗର ଟାଉନସିପ୍‌ରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହା ବ୍ୟତୀତ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହଯୋଗରେ ବିଭିନ୍ନ ବିଭାଗ ଦ୍ୱାରା ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯେଉଁଥିରେ ସ୍କୁଲ୍ ପିଲାମାନଙ୍କୁ ଖେଳ ସାମଗ୍ରୀ ଓ ଛତା ବିତରଣ କରାଯିବା ସହିତ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା । ସମାନ ଭାବେ ଶ୍ରଦ୍ଧାଞ୍ଜଳି ସମାରୋହ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଏବଂ ଫେରୋ ଆଲୋୟ ପ୍ଲାଣ୍ଟ ବ୍ରାହ୍ମଣୀପାଳରେ ମଧ୍ୟ ପାଳନ କରାଯାଇଥିଲା । ଏନ୍‌ଆଇଏନ୍‌ଏଲ୍ କଲୋନୀରେ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଜେ.ଆର୍.ଡି. ଟାଟାଙ୍କ ଜୀବନୀ ଉପରେ ଆଧାରିତ ଏକ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହା ବ୍ୟତୀତ, ଜେ.ଆର.ଡି. ଜୟନ୍ତୀ ଉତ୍ସବ ଅବସରରେ ଡିଜିଟାଲ୍ ଶ୍ରଦ୍ଧାଞ୍ଜଳି, ଭର୍ଚୁଆଲ୍ ପ୍ରଦର୍ଶନୀ ଏବଂ ଅନ୍ୟାନ୍ୟ ଇଣ୍ଟରାକ୍ଟିଭ୍ ସେସନ୍ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନ୍‌ଲାଇନ୍‌ରେ ଆୟୋଜିତ ହୋଇଥିଲା ।

# ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବିଭିନ୍ନ ପାଠ୍ୟକ୍ରମରେ ବ୍ୟବହାର କରିବାର ଆବଶ୍ୟକତା ରହିଛି:ବିଶେଷଜ୍ଞ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ




ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଓ ସାଇବର ସିକ୍ୟୁରିଟି ସମାଜର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଥିବା ବେଳେ ବିଭିନ୍ନ ପାଠ୍ୟକ୍ରମରେ ଏହାକୁ ବ୍ୟବହାର କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଜୁଲାଇ ୨୫ ଓ ୨୬ ତାରିଖରେ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ‘ଇନୋଭେସନ୍‌ସ୍ ଇନ୍ ଇନ୍‌ଟେଲିଜେନ୍ସ ସିଷ୍ଟମ୍ସ:ଆଡଭାନ୍ସମେଣ୍ଟ୍ସ ଇନ୍ କମ୍ପ୍ୟୁଟିଂ, କମ୍ୟୁନିକେସନ୍ ଆଣ୍ଡ ସାଇବର ସିକ୍ୟୁରିଟି’ (ଆଇଏସ୍‌ଏସି୩-୨୦୨୫) ଆୟୋଜିତ ହୋଇଥିବା ବେଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାଉଥ୍ କୋରିଆର ବେକ୍‌ସିଓକ୍ ବିଶ୍ୱବିଦ୍ୟାଳୟର ଇନ୍‌ଫର୍ମେସନ୍ ଆଣ୍ଡ କମ୍ୟୁନିକେସନ୍ ବିଭାଗର ପ୍ରଫେସର ଚେ ଗ୍ୟୁ ସୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସର ଆବଶ୍ୟକତା ସବୁ କ୍ଷେତ୍ରରେ ରହିଛି ଏବଂ ଏହାର ବ୍ୟବହାର ସବୁ ପାଠ୍ୟକ୍ରମର ଛାତ୍ରଛାତ୍ରୀ ଜାଣିବା ଉଚିତ୍ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ କ୍ୱାଂଟମ୍ ସିକ୍ୟୁରିଟି ଉପରେ ଗୁରୁତ୍ୱାରୋପ କରିଥିଲେ । ସୋଆରେ କ୍ୱାଂଟମ୍ ସାଇନ୍ସ ଆଣ୍ଡ କ୍ୱାଂଟମ୍ ସିକ୍ୟୁରିଟିରେ ଏକ ସ୍ୱତନ୍ତ୍ର ଗବେଷଣା କେନ୍ଦ୍ର ରହିଥିବା ବେଳେ ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତିକ ଅନୁଷ୍ଠାନର ମିଳିତ ସହଭାଗିତରେ କ୍ୱାଂଟମ ସିକ୍ୟୁରିଟି ସମ୍ପର୍କିତ ଅଧିକ ଗବେଷଣା ସୋଆରେ ଜାରି ରହିବ ବୋଲି ପ୍ରଫେସର ନନ୍ଦ କହିଥିଲେ । ଏହି ସମ୍ମିଳନୀରେ ଆଇଇଇଇ ଏସ୍ଏଲ୍ଏଟିଇର ସଦସ୍ୟ ପ୍ରଫେସର ପ୍ରମୋଦ କୁମାର ମେହେର, ଆଇଇଇଇ ଭୁବନେଶ୍ୱର ଶାଖାର ଚେୟାର ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଏବଂ ଆଇଟିଇଆରର ଡିନ୍ ପ୍ରଫେସର ପି.କେ. ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କମ୍ପ୍ୟୁଟର ସାଇନ୍‌ସେସ୍ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇଏସ୍‌ଏସି୩-୨୦୨୫ର ପ୍ରୋଗ୍ରାମ ଚେୟାର ଡକ୍ଟର ଭାରତଜ୍ୟୋତି ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇ ଦିନିଆ ସମ୍ମିଳନୀରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଆଣ୍ଡ ମେସିନ୍ ଲର୍ଣ୍ଣିଂ, ଡାଟା ସାଇନ୍ସ ଆଣ୍ଡ ହେଲଥ ଇନ୍‌ଫରମ୍ୟାଟିକ୍ସ, ନେଟୱାର୍କିଂ, ଇନ୍‌ଟରନେଟ୍ ଅଫ୍ ଥିଙ୍ଗସ୍ ଆଣ୍ଡ ୫ଜି, ସାଇବର ସିକ୍ୟୁରିଟି, ଏମର୍ଜିଂ ଟେକ୍ନୋଲୋଜିସ୍ ଆଣ୍ଡ ଆପ୍ଲିକେସନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା ।

# ‘ନିଷ୍ଠା ଓ ଏକାଗ୍ରତା ସଫଳତାର ବାଟ ଦେଖାଏ’



ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ଯଶୋଦା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଧାପକ ଗୋବିନ୍ଦଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ନିଷ୍ଠା ଓ ଏକାଗ୍ରତା ସଫଳତାର ବାଟ ଦେଖାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଲୋକ ସେବକ ମଣ୍ଡଳ ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ତଥା ସମାଜ ଖବର କାଗଜର ପ୍ରକାଶକ ତଥା ମୁଦ୍ରାକର ରାଜେନ୍ଦ୍ର କୁମାର ଜେନା ଓ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସୁଦର୍ଶନ ଛୋଟରାୟଙ୍କ ଜୀବନି ସମ୍ପର୍କରେ ଆଲୋକପାତ କରିବା ସହ ଏହି ଦୁଇ ଜଣ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ବ୍ୟକ୍ତି ଅଟନ୍ତି । ମୁଖ୍ୟବକ୍ତା ଭାବେ ବରିଷ୍ଠ ସିପିଏମ୍ ନେତା ଅଳିକିଶୋର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା । ପ୍ରଧାନ, ତହସିଲଦାର ସୁକାନ୍ତ ପଟ୍ଟନାୟକ, ବିଡିଓ ଅଚ୍ୟୁତାନନ୍ଦ ଯାନୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଭୂରିଭୂରି ପ୍ରଶଂସା କରିବା ସହ ଶ୍ରୀ ଜେନା ଓ ଶ୍ରୀ ଛୋଟରାୟ ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବୁଦ୍ଧିଜୀବୀ ମଞ୍ଚର ଆବାହକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଗଞ୍ଜାମ ଜିଲ୍ଲାର ଦୁଇ ମହାନ୍ ବ୍ୟକ୍ତିଦ୍ୱୟ ବିଷୟରେ କହିବା ସହ ଅଗ୍ରଣୀ ଯୋଦ୍ଧା ଭାବେ ଆଖ୍ୟା ଦେଇଥିଲେ । ପରେ ଅତିଥିମାନେ ରାଜେନ୍ଦ୍ର କୁମାର ଜେନା ଓ ସୁଦର୍ଶନ ଛୋଟରାୟ ଏହି ଦୁଇ ମହାନ୍ ବ୍ୟକ୍ତିଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଏହି ଦୁଇ ଜଣ ନିଜ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ଉପସ୍ଥିତ ଛାତ୍ରୀମାନଙ୍କୁ ଭଲ ମଣିଷ ହେବାପାଇଁ ଉପଦେଶ ଦେଇଥିଲେ । ମହେଶ୍ୱର ବରାଡ, ରବିନ୍ଦ୍ର ମହାନ୍ତି, ଦିଲ୍ଲିପ ଛୋଟରାୟ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଦୁଇ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କୁ ଭୁରି ଭୁରି ପ୍ରଶଂସା ଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହଯୋଗ କରିଥିଲେ ସାମାଜିକ କର୍ମୀ ମଙ୍ଗରାଜ ପଣ୍ଡା, ଗଞ୍ଜାମ ବ୍ଲକର ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି ବାନାମ୍ବର ପଲେଇ, ସଂପାଦକ ବାଳକୃଷ୍ଣ ମହାରଣା, ସମାଜସେବୀ ସୁଧିର ପାଢୀ, ସାମ୍ବାଦିକ ବିଦ୍ୟାଧର ସାହୁ, ମନୋଜ ପ୍ରଧାନ, ପ୍ରଦୀପ ପଣ୍ଡା, ଦୁର୍ଗା ମାଧମ ପାଣିଗ୍ରାହୀ, ବିନୋଦ ପଲେଇ, ପ୍ରଭାତ ମହାରଣା, ମହାପ୍ରସାଦ ମହାପାତ୍ର, ପ୍ରଶାନ୍ତ ମହାରଣା, ସରୋଜ ସାମଲ, ମିଥୁନ ବାରିକ, ମହାପ୍ରସାଦ ମହାପାତ୍ର, ଯଶୋଦା ମହିଳା ଡିଗ୍ରୀ କଲେଜର ଅଧ୍ୟପକ/ଅଧିପିକା ମାନେ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ସ୍ୱାସ୍ତିକ ସୁନ୍ଦର ସଂଯୋଜନା କରିଥିବା ବେଳେ ଗଞ୍ଜାମ ବ୍ଲକ ସମାଜ ପ୍ରତିନିଧି ଶବର ତରେଇ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ସ୍ଥାନୀୟ ସରସ୍ୱତୀ ବିଦ୍ୟା ମନ୍ଦିର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗିତଗାନ କରାଯାଇଥିଲା ।

# ପୁନଃ ନିଯୁକ୍ତି ଓ ବକେୟା ଟଙ୍କା ନପାଇ କାରଖାନାରେ ଶ୍ରମିକ ଅଶାନ୍ତି

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ



କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଏମ୍‌ଏସ୍‌ପି କାରଖାନାରେ କାର୍ଯ୍ୟରତ ଛଟେଇ ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତି ଓ ଅବସର ପରେ ବକେୟା ରାଶି ପ୍ରଦାନ ଦାବିରେ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏ ବାବଦରେ ମେ ୨୯ରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ କୌଣସି ସମାଧାନ କରାନଯାଇ ପ୍ରତ୍ୟେକ ବର୍ଷ ଶ୍ରମିକମାନଙ୍କୁ ଛଟେଇ କରାଯାଉଥିବା ଅଭିଯୋଗ ହୋଇଛି । ୨୦୨୩ ଅକ୍ଟୋବରରେ ୧୫ ଜଣ ସମେତ ଚଳିତ ବର୍ଷ ମିଶି ୨ଶହରୁ ଊର୍ଦ୍ଧ୍ୱ ଶ୍ରମିକ ମାନଙ୍କୁ ଛଟେଇ କରାଯାଇଛି । ରାଜକିଶୋର ମିଶ୍ର, ତପନ କୁମାର ପ୍ରଧାନ, ରାଜେଶ ମୁଣ୍ଡା ଶ୍ରମିକଙ୍କୁ ମନଇଚ୍ଛା ବାହାର କରିଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏହାଛଡ଼ା ୧୫ରୁ ଊର୍ଦ୍ଧ୍ୱ ଶ୍ରମିକମାନଙ୍କ ବକେୟା ଅର୍ଥ ରାଶି ପ୍ରଦାନ କରାନଯାଇ ହଇରାଣ କରାଯାଉଥିବା ଜଣାପଡିଛି । ସେନେଇ ସ୍ଥାନୀୟ ସରପଞ୍ଚ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ହେଁ କମ୍ପାନୀ କୌଣସି ସମାଧାନ କରୁନି । ବେଆଇନ୍ ଭାବେ ଛଟେଇ ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତି ଓ ଅବସର ଶ୍ରମିକଙ୍କ ବକେୟା ଅର୍ଥ ପ୍ରଦାନ, ଦୀର୍ଘ ବର୍ଷ ଧରି ଠିକାଦାର ଅଧିନରେ କାର୍ଯ୍ୟ କରିଆସୁଥିବା ଶ୍ରମିକମାନଙ୍କୁ ସ୍ଥାନୀୟ ନିଯୁକ୍ତି ଏବଂ ଅଗ୍ରାଧିକାର । ସର୍ବନିମ୍ନ ମଜୁରୀ, ସିଟିସି ଉଚ୍ଛେଦ, ସାପ୍ତାହିକ ଛୁଟିର ଦରମା ପ୍ରଦାନ, ଶ୍ରମିକ ମାନଙ୍କୁ ସୁରକ୍ଷା ଉପକରଣ ପ୍ରଦାନ, ଟିଏ, ଡିଏ, ଏଚ୍‌ଆର୍ ଓ ଧୂଳିଧୂଆଁ ବାବଦକୁ ଅର୍ଥ ପ୍ରଦାନ ଆଦି ଦାବି କରିଛନ୍ତି । ଏହାର ନକଲ କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀ, ସଦର ଥାନା ଅଧିକାରୀ, ଜିଲ୍ଲା ପୋଲିସ ଆରକ୍ଷୀ, କେନ୍ଦୁଝର ସିଟିଜେନ୍ ଫୋରମ୍ ସଭାପତି, ଗୋବର୍ଦ୍ଧନ ସରପଞ୍ଚଙ୍କୁ ପ୍ରଦାନ କରାଯାଇଛି । ମଙ୍ଗଳବାର ତପନ କୁମାର ପ୍ରଧାନ, ରାଜକିଶୋର ମିଶ୍ର, ଦ୍ୱାରିକା ପାତ୍ର, ମଧୁସୂଦନ ସାହୁ, ଧନେଶ୍ୱର ମହାନ୍ତ, ହୃଦାନନ୍ଦ ମହାନ୍ତ, ସନାତନ ନାଏକ, ଦୁଃଶାସନ ଗିରି ପ୍ରମୁଖ ଶ୍ରମିକ ଉପସ୍ଥିତିରେ ଏହି ଦାବିପତ୍ର ଦିଆଯାଇଥିଲା ।

# ସମସ୍ୟା ଘେରରେ ବିଦ୍ୟାଳୟ

ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ

ପାଟଣାଗଡ-ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ସଦର ମହକୁମା ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଯିବା ପାଇଁ ରାସ୍ତାଟିଏ ନାହିଁ କି ଶ୍ରେଣୀ ଗୃହ ନାହିଁ । ଏହି ଅବସରରେ ବୁଧବାର ଦିନ ସ୍କୁଲକୁ ଆସିଥିବା ଅଭିଭାବକ/ଅଭିଭାବିକା ଏବଂ ପରିଚାଳନା କମିଟି ମାନଙ୍କର ବୈଠକରେ ସ୍କୁଲର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ସ୍କୁଲର ମୁଖ୍ୟ ସମସ୍ୟା ଗୋଟେ ରାସ୍ତା ଏବଂ ଶ୍ରେଣୀ ଗୃହ ଅଭାବ ରହିଥିବାରୁ ଉପସ୍ଥିତ ଥିବା ସମସ୍ତ ସଭ୍ୟ ଏବଂ ଅଭିଭାବକମାନଙ୍କର ସୁପାରିସ୍ କ୍ରମେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ସଡଙ୍ଗୀଙ୍କୁ ଏକ ଅଭିଯୋଗ ପତ୍ର ଦିଆଯାଇଥିଲା । ଅଭିଯୋଗ ପତ୍ର ଗ୍ରହଣ କରି ବିଡିଓ ସରକାରୀ ଫଣ୍ଡ ଆସିଲେ ଶିଘ୍ରକାମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ଅଗଷ୍ଟ ୨୦୨୫ ଶୁକ୍ରବାର





# ୪.୩୧ କ୍ୱିଣ୍ଟାଲ୍ ଗଞ୍ଜେଇ ସହ ଟ୍ରକ୍ ଓ କାର୍ ଜବତ:୫ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ଜିଲ୍ଲା ପୋଲିସ ତଥା ଉଲୁଣ୍ଡା ପୋଲିସକୁ ମିଳିଛି ଏକ ବଡ ସଫଳତା। ଦିନକୁ ଦିନ ମାଫିଆମାନେ ବିଭିନ୍ନ ଉପାୟରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଏପରି ଏକ ଘଟଣା ଦେଖିବାକୁ ମିଳିଛି ସୋନପୁର ଜିଲ୍ଲାରେ । ବୌଦ୍ଧ ଜିଲ୍ଲାରୁ ସୋନପୁର ରାସ୍ତା ଦେଇ ଟ୍ରକ୍‌ରେ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ ହେଉଥିଲା ବେଳେ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ପୋଲିସ ଏହାକୁ ଧରିଛି। ମାଫିଆମାନେ ଗଞ୍ଜେଇ ଚାଲାଣ କରିବା ପାଇଁ ଟ୍ରକ୍‌ରେ ପ୍ରଥମେ କାଜୁ ଚୋପା ବୋଝେଇ କରିବା ପରେ ବୌଦ୍ଧ ଜିଲ୍ଲାକୁ ଆସି କାଜୁ ଚୋପା ଭିତରେ ଗଞ୍ଜେଇ ବସ୍ତାରେ ଭର୍ତ୍ତି କରି ଫୁଲବାଣୀ ପଟରୁ ବୌଦ୍ଧ ଜିଲ୍ଲା ମନମୁଣ୍ଡା ବାଟ ହୋଇ ସୁବର୍ଣ୍ଣପୁର ଦେଇ ଦିଲ୍ଲୀକୁ ଚାଲାଣ କରୁଥିବା ବେଳେ ଏକ ବ୍ରିଜା କାର୍‌ରେ ୩ ଜଣ ଯୁବକ ଟ୍ରକ୍‌କୁ ଏସ୍କଟ୍ ଦେଉଥିଲେ । ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ବିଶ୍ୱସ୍ତ ସୂତ୍ରରୁ ଏହି ଖବର ପାଇବା ପରେ ଗଞ୍ଜେଇ ଚୋରା ଚାଲାଣକାରୀମାନେ ସମ୍ବଲପୁର



ରାସ୍ତାରେ ଯାଉଥିବାବେଳେ ଉଲୁଣ୍ଡା ଥାନାଧିକାରୀଙ୍କୁ ଧରିବା ପାଇଁ ଏସ୍‌ପି ନିର୍ଦ୍ଦେଶ ଦେବାସହ ନିଜେ ମଧ ପରେ ପରେ ଗଞ୍ଜେଇ ବୋଝେଇ ଟ୍ରକ୍ ପିଛା କରିଥିଲେ । ଉଲୁଣ୍ଡା ଥାନା ଆଇଆଇସି ଲିଙ୍ଗରାଜ ସେଠୀ ଓ ଏସ୍‌ଆଇ ଦେବାଶିଷ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉଲୁଣ୍ଡା ଥାନା ସମ୍ମୁଖରେ ଟ୍ରକ୍‌କୁ ଅଟକାଇ ତନଖି କରିବା ସମୟରେ କାଜୁ ଚୋପା ଭିତରେ ଥିବା ୧୩ଟି ବଡ ବସ୍ତାରେ ଥିବା ୪ କୁଇଣ୍ଟାଲ ୩୧ କିଲୋ ୬୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏଥିସହ ତାଙ୍କ ପାଖରୁ ନଗଦ ୧ ଲକ୍ଷ ୯୭ ହଜାର ଟଙ୍କା ଓ ୭ଟି ମୋବାଇଲ ଜବତ କରିବା ସହ ଟ୍ରକ୍ ଡ୍ରାଇଭର ବିହାର ମତିହାର ଜିଲ୍ଲା ମେହେସିର ରାଜକୁମାର ରାଏ (୩୪), ହେଲପର ମୁଜାଫରପୁର ଜିଲ୍ଲା ମାଧପୁରହାଜର ଅଞ୍ଚଳର ବିକାଶ କୁମାର (୧୯)ଙ୍କୁ ଗିରଫ କରାଯାଇଥିଲା। ଏଥିସହ କାର୍‌ରେ ଏସ୍କଟ୍ ଦେଉଥିବା ଗଞ୍ଜେଇ ମାଫିଆ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ରୁଣ୍ଡି ମହୁଲ ଗ୍ରାମର ଶଙ୍କର୍ଷଣ ବାରିକ (୪୪), ମନମୁଣ୍ଡା ଥାନା ଧୁଙ୍ଗିଆପଦର ଗ୍ରାମର ପରାସର ଥାଟି (୨୨) ଓ ସମ୍ବଲପୁର ଜିଲ୍ଲା ଟାଉନ୍ ଥାନା ନନ୍ଦପଡାର ଜଗଦୀଶ ବାଗ (୩୦)ଙ୍କୁ ଗିରଫ କରିବା ସହ ପୋଲିସ କାର୍, ଟ୍ରକ୍ ଓ ଗଞ୍ଜେଇ ଜବତ କରି ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏନେଇ ଏକ ମାମଲା ଉଲୁଣ୍ଡା ଥାନା କେସ୍ ନଂ ୧୦୧/ ୨୮.୭.୨୫ ଟ/S-୨୦(b)(ii)C/ ୨୯ NDPS ଆକ୍ଟରେ ମାମଲା ରୁଜୁ ହୋଇଥିବା ସୂଚନା ଦିଆଯାଇଛି। ତେବେ ଗିରଫ ଶଙ୍କର୍ଷଣଙ୍କ ନାମରେ ପୂର୍ବରୁ ମଧ ବଲାଙ୍ଗୀର ଟାଉନ ଥାନାରେ ଗଞ୍ଜେଇ ଚୋରାଚାଲାଣ ସମ୍ପର୍କିତ ମାମଲା ଥିବା ପୋଲିସ କହିଛି।

# ଭଗବତୀ ମନ୍ଦିରରେ ପଶିଲା ନର୍ଦ୍ଦମା ପାଣି:ଭକ୍ତ ମହଲରେ ଅସନ୍ତୋଷ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସାମାନ୍ୟ ବର୍ଷା ହେଲେ ଭଗବତୀ ମନ୍ଦିର ଭିତରକୁ ପଶୁଛି ରାସ୍ତାର ନର୍ଦ୍ଦମା ପାଣି । ଏ ନେଇ ଭକ୍ତ ମହଲରେ ବ୍ୟାପକ ଅସନ୍ତୋଷ ବୃଦ୍ଧି ପାଉଛି। ବଡ଼ବଜାର ସ୍କୁଲ୍ ଛକ ଠାରୁ ଭଗବତୀ କଲ୍ୟାଣ ମଣ୍ଡପ ଛକ ପର୍ଯ୍ୟନ୍ତ ନୂତନ ନିର୍ମାଣଧିନ କଂକ୍ରିଟ ରାସ୍ତା କାମ ପ୍ରାୟ ୨ ମାସ ହେଲା ଚାଲିଥିବା ବେଳେ ତୃଟିପୂର୍ଣ୍ଣ ରାସ୍ତା କାମ ଯୋଗୁ ସାମାନ୍ୟ ବର୍ଷାରେ ରାସ୍ତାର ସବୁ ପାଣି ମନ୍ଦିର ଭିତରକୁ ପଶୁଛି। ରାସ୍ତା କାମ ଶୀଘ୍ର ସାରିବା ନେଇ ଜନସାଧାରଣ ଦାବି କରୁଥିବା ବେଳେ ଆବଶ୍ୟକ ସ୍ଥାନରେ ନୂତନ ଡ୍ରେନ୍ ନକରି କେମିତି ରାସ୍ତା କାମ ହେଉଛି ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ। ଏନେଇ ମନ୍ଦିରକୁ ଦୈନିକ ଆସୁଥିବା ଶହ ଶହ ଭକ୍ତ ମହଲରେ ବ୍ୟାପକ ଅସନ୍ତୋଷ ଦେଖାଦେଇଥିବା ବେଳେ ପୌରପ୍ରଶାସନକୁ ଦାୟୀ କରୁଛନ୍ତି ଜନସାଧାରଣ ତଥା ସ୍ଥାନୀୟ ଲୋକେ । ସେପଟେ ନିର୍ମାଣାଧୀନ ନୂତନ ରାସ୍ତାରେ ମଧ ପାଣି ଜମୁଥିବା ଏବଂ ରାସ୍ତା କାମ ଠିକ୍ ଭାବରେ ହେଉ ନ ଥିବା ଏବଂ ବାରମ୍ବାର ପୌରପରିଷଦ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନଥିବା ନେଇ ଅଞ୍ଚଳର ବ୍ୟକ୍ତିମାନେ ଲିଖିତ ଅଭିଯୋଗ ପୌରଅଧିକାରୀଙ୍କ



ପାଖରେ କରିଥିବା ସୂଚନା ଦେଇଛନ୍ତି । ଏ ନେଇ ତୁରନ୍ତ ପୌରନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

# ଏମ୍‌କେସିଜିରେ ବର୍ଷସାରା ମିଳିବ ଡାଏଲିସିସ୍ ସୁବିଧା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏଣିକି ବର୍ଷସାରା ଏମ୍‌କେସିଜିରେ ଡ଼ାଏଲିସିସ୍ ସୁବିଧା ମିଳିବ । ଛୁଟିଦିନ ଆଳରେ ଏହାକୁ ବନ୍ଦ କରାଯିବନାହିଁ । ରବିବାର ଡାଏଲିସିସ୍ ବନ୍ଦ ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏମ୍‌କେସିଜିରେ ରବିବାର ଡାଏଲିସିସ୍ ବନ୍ଦ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ମୁଖ୍ୟଙ୍କୁ କୈଫିୟତ ତଲବ କରାଯାଇଥିବା ନେଇ ଅଧୀକ୍ଷକ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥୀ ସୂଚନା ଦେଇଛନ୍ତି । ପ୍ରତି ରବିବାର ଏମ୍‌କେସିଜି ଡାଏଲିସିସ୍ ୱାର୍ଡ଼ରେ ତାଲା ପଡୁଥିଲା । ଓପିଡ଼ି ରୋଗୀଙ୍କୁ ଡାଏଲିସିସ୍ କରାଯାଉନଥିଲା । ଏମିତିକି ସ୍ଲଟ୍‌ରେ ଅପେକ୍ଷା କରିଥିବା ରୋଗୀଙ୍କୁ ରବିବାର ନଆସିବାକୁ କୁହାଯାଉଥିଲା । ଦୂର ଦୁରାନ୍ତରୁ ଆସୁଥିବା ରୋଗୀ ଏହା ଜାଣିନପାରି ବାଧ ହୋଇ ଘରୋଇ ଡାକ୍ତରଖାନାକୁ ଯାଉଥିଲେ । ଥରେ ଡାଏଲିସିସ୍ କଲେ ୨୫୦୦ ରୁ ୩ ହଜାର ଟଙ୍କା ଯାଏଁ ସେମାନେ ଖର୍ଚ୍ଚାନ୍ତ ହେଉଥିଲେ । ଏହାକୁ ନେଇ ୨୮ ତାରିଖରେ ଖବର ପ୍ରକାଶ ପାଇଥିଲା । ଅଧୀକ୍ଷକ ଡାକ୍ତର ଶ୍ରୀ ଶତପଥୀ କହିଛନ୍ତି ଖବର ଜାଣିବା ପରେ ତୁରନ୍ତ ବିଭାଗୀୟ ମୁଖ୍ୟଙ୍କୁ କୈଫିୟତ ତଲବ କରାଯାଇଛି । କେଉଁ ପରିସ୍ଥିତିରେ ଓପିଡ଼ି ରୋଗୀଙ୍କ ଲାଗି ଏହାକୁ ବନ୍ଦ ରଖାଯାଉଛି, ଉତ୍ତର ଦେବାକୁ କୁହାଯାଇଥିଲା । ତେବେ ମରାମତି କାରଣରୁ ଗତ ରବିବାର ଡାଏଲିସିସ୍ ବନ୍ଦ ଥିବା ବିଭାଗୀୟ ମୁଖ୍ୟ ଜଣାଇବା ପରେ ଏପରି ନକରିବା ଲାଗି ଅଧିକ୍ଷକ ନିର୍ଦ୍ଦେଶ ଦେଇଛନ୍ତି । ବର୍ଷକ ୩୬୫ ଦିନ ଓପିଡ଼ି ରୋଗୀଙ୍କ ପାଇଁ ଡାଏଲିସିସ୍ ୱାର୍ଡ଼ ଖୋଲା ରଖିବା ଓ ଚିକିତ୍ସା ସୁବିଧା ଯେଗେଇ ଦିଆଯିବ ବୋଲି ଅଧିକ୍ଷକ କହିଛନ୍ତି । ରୋଗୀମାନେ ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ତାଙ୍କ ଦୃଷ୍ଟିକୁ ଆଣିପାରିବେ । ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡାକ୍ତର ଶତପଥୀ ସୂଚନା ଦେଇଛନ୍ତି ।

# ଟାଟାଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ୧୨୦ ଜଣଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

**ସୁକିନ୍ଦା, ନ୍ୟୁଜ୍ ବ୍ୟୁରୋ**

ଭାରତ ରତ୍ନ ଜେଆରଡ଼ି ଟାଟାଙ୍କ ୧୨୧ ତମ ଜନ୍ମଦିନ ଉପଲକ୍ଷେ ଟାଟାଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ସାରୁଅବିଲ ଏବଂ କମର୍ଦ୍ଦାକ୍ରୋମାଇଟ୍ ଖଣି ନିକଟବର୍ତ୍ତୀ ଅଞ୍ଚଳରେ ଲୋକମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୧୨୦ ଜଣ ସ୍ଥାନୀୟ ବାସିନ୍ଦା ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିବିରରେ ୫୩ ଜଣ ପୁରୁଷ ଏବଂ ୬୭ ଜଣ ମହିଳାଙ୍କ ସମେତ ୧୬ ଜଣ ଶିଶୁ ଏବଂ ୧୦ ବର୍ଷରୁ ଅଧିକ ବୟସ୍କ ୧୦୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରଯାଇଥିଲା । ଶିବିରରେ ମାଗଣା ଚେକ୍-ଅପ୍ ସହ ମୌଳିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଲୋକଙ୍କୁ ତତ୍କାଳ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଏହି ଶିବିରର ଆୟୋଜନ କରଯାଇଥିଲା । ଶିବିରରେ ୧୪ ଜଣଙ୍କର ଉଚ୍ଚ ରକ୍ତଚାପ, ୩ ଜଣଙ୍କ ମଧୁମେହ ରୋଗ ଚିହ୍ନଟ ହୋଇଥିବା ବେଳେ ୯ ଜଣ ଜ୍ୱରରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ମୋଟ୍ ୩୬ ଜଣଙ୍କ ହିମୋଗ୍ଲୋବିନ୍ ପରୀକ୍ଷା କରାଇଥିଲା। ଏଥିରୁ ୧୮ ଜଣଙ୍କର ସ୍ୱାଭାବିକ ମାତ୍ରା ରହିଥିବା ବେଳେ ୧୫ ଜଣଙ୍କ ଠାରେ ସାମାନ୍ୟ ରକ୍ତହୀନତା ଏବଂ ୩ ଜଣଙ୍କ ଠାରେ ମଧ୍ୟମ ରକ୍ତହୀନତା ଦେଖାଦେଇଥିଲା। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍‌ର ସାରୁଅବିଲ ଏବଂ କମର୍ଦ୍ଦା କ୍ରୋମାଇଟ୍ ଖଣିର ମୁଖ୍ୟ ନବୀନ ଶ୍ରୀବାସ୍ତବ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର କନ୍‌ସଲ୍‌ଟାଣ୍ଟ ମେଡିକାଲ୍ ଅଫିସର୍ ଡାକ୍ତର ଭାଗୀରଥି ସୋରେନ୍, ଟାଟାଷ୍ଟିଲ୍‌ର ମେଡିକାଲ୍ ଅଫିସର୍ ଡାକ୍ତର ଶାଶ୍ୱତ ଶତପଥୀ ଏବଂ ଟାଟାଷ୍ଟିଲ୍ ଫାଉଣ୍ଡେସନ୍ ସୁକିନ୍ଦାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜେଆରଡ଼ି ଟାଟାଙ୍କ ସ୍ମୃତିରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଯେଉଁଥିରେ ଲୋକ କଲ୍ୟାଣ ଏବଂ ବିକାଶ ଉପରେ ଧ୍ୟାନ ଦିଆଯାଇଥିଲା। ନିଜ କାର୍ଯ୍ୟକ୍ଷେତ୍ରର ଆଖପାଖରେ ବସବାସ କରୁଥିବା ଜନସାଧାରଣଙ୍କୁ ସମର୍ଥନ କରିବା ପାଇଁ ଜେଆରଡ଼ି ଟାଟାଙ୍କ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ, ତାକୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଅନୁସରଣ କରିବା ଜାରି ରଖିଛି।



# ବିଦ୍ୟାଳୟ ଗୁଡ଼ିକର ସମସ୍ୟା ସମାଧାନ ପାଇଁ ଅଣ୍ଟା ଭିଡ଼ିଲେ ବିଧାୟକ

**ରାଉରକେଲା, ନ୍ୟୁଜ୍**

ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଦକ୍ଷିଣ ରାଉରକେଲା ଅଞ୍ଚଳରେ ପହଞ୍ଚି ପ୍ରଥମେ ତାରାପୁର ୟୁପି ସ୍କୁଲ ପରିଦର୍ଶନରେ ଯାଇଥିଲେ। ସେଠାରେ ପହଞ୍ଚିବା ମାତ୍ରେ ତାଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରାଯାଇଥିଲା । ତାରାପୁର ସ୍କୁଲରେ ଲାଗିରହିଥିବା ବିଭିନ୍ନ ସମସ୍ୟା - ଶିକ୍ଷକ ଅଭାବ, ଶ୍ରେଣୀ ଗୃହ ଅଭାବକୁ ବିଶେଷ ଫୋକସ୍ କରିଥିଲେ ସ୍ଥାନୀୟ ଜନସାଧାରଣ ତଥା ସ୍କୁଲର ଅଭିଭାବକ ମାନେ। ବିଧାୟକ ମହୋଦୟ ପ୍ରଥମେ ଉପସ୍ଥିତ ଅଭିଭାବକ ମାନଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ତାପରେ ଶିକ୍ଷୟିତ୍ରୀ ମାନଙ୍କ ସହ ବୁଲି ଶ୍ରେଣୀ ଗୃହ ବୁଲି ଦେଖିବା ପରେ ବିଦ୍ୟାର୍ଥୀ ମାନଙ୍କ ସହ ସୁବିଧା ଅସୁବିଧା ଉପରେ କଥାବାର୍ତ୍ତା କରିଥିଲେ । ଏଠାରେ ପ୍ରଥମରୁ ଅଷ୍ଟମ ଯାଏ ପିଲା ପାଠ ପଢୁଥିବା ବେଳେ



ମାତ୍ର ଦୁଇ ଜଣ ଶିକ୍ଷୟିତ୍ରୀ ଓ ଜଣେ ଡେପୁଟେସନ୍‌ରେ ଅଛନ୍ତି । ଦୀର୍ଘ ଦିନ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି। ଯଦି ଦେହ ଅସୁସ୍ଥ କିମ୍ବା ଜଣେ ଛୁଟି ନେଲେ ମାତ୍ର ଦୁଇ ଜଣ ଶିକ୍ଷୟିତ୍ରୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଉଛନ୍ତି । ଶ୍ରେଣୀଗୃହ ଗୁଡ଼ିକର ଛାତରୁ ପ୍ଲାଷ୍ଟର ଖସୁଛି, କାନ୍ଥ ଫାଟିଛି । ପିଲାମାନେ ମଧ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଖୁବ୍‌ଶୀଘ୍ର ସ୍କୁଲ୍ ପରିସରରେ ନୂଆ ବିଲ୍ଡିଂ ସହିତ ଉପଯୁକ୍ତ ଶିକ୍ଷକ ବ୍ୟବସ୍ଥା କରିବା ନିମନ୍ତେ ସ୍ଥାନୀୟ ଅଭିଭାବକମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଭାବକଙ୍କ ପକ୍ଷରୁ ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା । ଏ ବିଷୟରେ ବିଧାୟକ ଅବଗତ ହେବାପରେ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ସ୍ଥାନୀୟ ଜନସାଧାରଣମାନେ ଦକ୍ଷିଣ ରାଉରକେଲା ଅଞ୍ଚଳରେ ରାସ୍ତା ଘାଟର ଅବସ୍ଥା ସହିତ ଅଳିଆ ଆବର୍ଜନା ଦୀର୍ଘଦିନ ଧରି ପଡ଼ିରହିଥିବା ପ୍ରକାଶ କରିଥିଲେ। ତାରାପୁର ନୂଆ ଗେଟ୍ ଠାରୁ ଲାଲ ଟାଙ୍କି ପର୍ଯ୍ୟନ୍ତ ରାସ୍ତା ଖରାପ ହୋଇଥିବା ବେଳେ ଲକ୍ଷ୍ମୀ ମାର୍କେଟ୍, ଫିଲ୍‌ଟର୍ ହାଉସ୍, ତାରାପୁର ନୂଆ ଗେଟ୍, ଲାଲ୍ ଟାଙ୍କି, ଅଟୋ କଲୋନୀ, ମଡର୍ନ ଇଣ୍ଡିଆ, ଟାଙ୍ଗରାପାଲି, ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଦୀର୍ଘ ଦିନ ଧରି ପଡ଼ିରହିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ବିଧାୟକଙ୍କୁ କହିଥିଲେ। ସ୍କୁଲର କାର୍ଯ୍ୟବାହୀ ପ୍ରଧାନ ଶିକ୍ଷୟିତ୍ରୀ ଅମୀୟମୟୀ ରାଉଳ, ଶିକ୍ଷୟିତ୍ରୀ ଦମୟନ୍ତୀ ସ୍ୱାଇଁ ଏବଂ ଅଭିଭାବକ ପ୍ରତିନିଧି ବାସନ୍ତୀ ରେଡ୍ଡୀ ଓ ନିଗମାନନ୍ଦ ଦାସ ସ୍କୁଲର ବିବିଧ ସମସ୍ୟା ନେଇ ବିଧାୟକଙ୍କ ସହିତ ଆଲୋଚନା କରିଥିବା ବେଳେ ବିଜେପି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତା ମୁରଲୀ ଗୌଡ଼ ଓ ଅଜୟ କଂସାରୀ, ମଣ୍ଡଳ ସଭାପତି ପ୍ରତାପ ପଟ୍ଟନାୟକ, ମଣ୍ଡଳ ଉପସଭାପତି ବାସୁଦେବ ନାଥ, ଗଜେନ୍ଦ୍ର ଦେ, ପ୍ରତାପ ପ୍ରହରାଜ, ଆର୍‌ଏନ୍ ପଣ୍ଡା, ଅମୂଲ୍ୟ ସେଠୀ, କୁନ୍ତିବାଲା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ କ୍ୱିଣ୍ଟାଲ ଖଇର କାଠ ଜବତ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଲାଠୋର ବନ ବିଭାଗ ପକ୍ଷରୁ ୧୦ କ୍ୱିଣ୍ଟାଲ ଖଇର କାଠ ଜବତ କରିଥିବା ସୂଚନା ମିଳିଛି। ଲାଠୋର ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ ସୋମବାର ମଧ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଲାଠୋର ଲାନ୍ଥ ନଦି ନିକଟରେ ଏକ ମହିନ୍ଦ୍ରା ମିନି ପିକ୍‌ଅପ୍‌ରେ ଖଇର କାଠ ଚାଲାଣ କରୁଥିବା ଖବର ମିଳିଥିଲା । ବନ ବିଭାଗ ଚଢ଼ଉ କରି ପ୍ରାୟ ୧୦ କ୍ୱିଣ୍ଟାଲ ଖଇର କାଠ ସହ ଏକ ଗାଡି ଜବତ କରିଥିଲା। ବେଲପଡା ଥାନା ନୁନହାଡ଼ ଗ୍ରାମର ମଦନ ମାଝି ନାମକ ଏକ ବ୍ୟକ୍ତିଙ୍କୁ ଗିରଫ କରିବା ସହ ଖଇର କାଠ ଓ ସହ ଗାଡି ଜବତ କରାଯାଇଛି। ଏକ ମାମଲା ରୁଜୁ କରି ଆସାମୀଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ଲାଠୋର ବନ ବିଭାଗ ଅଧିକାରୀ ଶୈଳେସ ବିଶି ପ୍ରକାଶ ଦେଇଛନ୍ତି ।





# ୨ ମୋବାଇଲ୍ ଲୁଟେରା ଗିରଫ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବିଭିନ୍ନ ସ୍ଥାନରୁ ମୋବାଇଲ୍ ଲୁଟ୍ କରିଥିବା ଦୁଇ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ବିଭିନ୍ନ ସ୍ଥାନରୁ ମୋବାଇଲ୍ ଚୋରି କରୁଥିବା ସ୍ୱୀକାର କରିଛନ୍ତି। କେନ୍ଦୁଝର ସଦର ଥାନା କେସ୍ ନମ୍ବର ୩୧୮ ତା ୧୩.୦୬.୨୦୨୫ ଓ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୫/୩୩୧(୪) ବଳରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ମୋଟ୍ ୨୦ଟି ସ୍କ୍ରିନ୍ ଟଚ୍ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ଯମୁନାପୋଷି ଅଞ୍ଚଳର ସୋନୁ ଓରଫ ସୋନୁ ମୁଣ୍ଡା (୨୫) ଓ ଜମିତ୍ରା ଗାଁର ଗୁରୁ ଓରଫ ଗୁରୁଚରଣ ମୁଣ୍ଡା (୨୧)। ମଙ୍ଗଳବାର ଦିନ ଉଭୟ ଅଭିଯୁକ୍ତଙ୍କୁ କେନ୍ଦୁଝର ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ ଏହି ଅଭିଯୁକ୍ତମାନେ ଜୁନ୍ ୧୩ ତାରିଖରେ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ଏକ ଘରୁ ବିଳମ୍ବିତ ରାତିରେ ଘରର ଝରକା ଭାଙ୍ଗି ମୋବାଇଲ୍ ଫୋନ୍ ଚୋରୀ କରିଥିଲେ।

# ଛାତ୍ରଙ୍କ ବାପାଙ୍କ ଠାରୁ ୨୩ ହଜାର ଠକିନେଲା ସାଇବର ଠକ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ନିଜକୁ କଲେଜ ପ୍ରିନ୍ସପାଲ ପରିଚୟ ଦେଇ ସାଇବର ଏକ ଛାତ୍ରଙ୍କ ବାପାଙ୍କ ଠାରୁ ଠକି ନେଲେ ତେଇଶ ହଜାର ଟଙ୍କା । ଏଭଳି ଠକେଇରେ ଶିକାର ହୋଇଛନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଖାଣ୍ଡା ପଞ୍ଚାୟତର ଲକ୍ଷ୍ମଣ ସାନ୍ତା। ସୂଚନା ଅନୁଯାୟୀ ଲକ୍ଷ୍ମଣ ସାନ୍ତାଙ୍କ ପୁଅ ପିଣ୍ଟୁ ସାନ୍ତା +୨ ଆଡ଼ମିସନ୍ ପାଇଁ ଆବେଦନ କରିଥିଲେ । ଲକ୍ଷ୍ମଣଙ୍କୁ ୪ ଟା ସମୟରେ ଜଣେ ଅଜଣା ନମ୍ବରରୁ ଫୋନ୍ ଆସିଥିଲା । କହିଥିଲେ ଯେ, ମୁଁ ପେଣ୍ଟାଣି କଲେଜରେ ପ୍ରିନ୍ସପାଲ କହୁଛି ତମ ପୁଅର ଆଡ଼ମିସନ୍ କର ଆଜି ଶେଷ ତାରିଖ ଅଛି । ଏହାସହ କ୍ୟୁଆର୍ କୋଡ୍ ପଠେଇ କହିଥିଲେ ଯେ ଏହି କ୍ୟୁଆର୍ କୋଡ୍‌ରେ ଫୋନ ପେ ମାଧ୍ୟମରେ ଟଙ୍କା ପେିଠ କରନ୍ତୁ। ହେଲେ ତମ ପିଲାର ମୁଁ ଆଡ଼ମିସନ୍ କରେଇଦେବି କହିବାରୁ ଲକ୍ଷ୍ମଣ ପ୍ରଥମେ ୬୫୬୯ ଟଙ୍କା ପଠାଇଥିଲେ । ପରେ ସାଇବର ଏକ ପୁଣି ଥରେ ଫୋନ୍‌କରି କହିଥିଲେ ଟଙ୍କା ଆସିନି ଆଉ ଥରେ ପଠେଇବାକୁ। ଲକ୍ଷ୍ମଣ ପୁଣିଥରେ ସେହି କ୍ୟୁଆର୍ କୋଡ୍‌ରେ ୬୫୬୯ ଟଙ୍କା ପଠେଇଥିଲେ । ଏହାସହ ୟୁନିଫର୍ମ ବାବଦକୁ ୫୦୦୦ ଟଙ୍କା ଦେବାକୁ ପଡିବ କହିବାରୁ ଲକ୍ଷ୍ମଣ ଦୁଇ ଥର ୫୦୦୦ ଟଙ୍କା ପଠେଇଥିଲେ ।

# ଜିଲ୍ଲାପାଳଙ୍କୁ ଭେଟିଲେ ଜିଲ୍ଲାର ବ୍ଲକ ଅଧ୍ୟକ୍ଷ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ବ୍ଲକ ଅଧ୍ୟକ୍ଷମାନେ ନୂତନ ଜିଲ୍ଲାପାଳଙ୍କୁ ଭେଟି ସମ୍ବର୍ଦ୍ଧନା ଦେବା ସହ ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରଶ୍ମିତ ସେଠୀ, ମଧୁସ୍ମିତା ସାମଲ, ମୀରାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ଓ ନୂତନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





**ମେଷ:** ସୁଖକର ଘଟଣା ଘଟିପାରେ। କର୍ମକ୍ଷେତ୍ରରେ ସଫଳତା ମିଳିବ। ଉତ୍ତମ ଭୋଜନପ୍ରାପ୍ତ ହେବ। ଅନ୍ୟମନସ୍କ ରହିବାର ସୂଚନା। ଗୃହେ ଶାନ୍ତି ଲାଭ ହେବ। ବନ୍ଧୁ ଦର୍ଶନ ସହିତ ସହଯୋଗ ପ୍ରାପ୍ତ ହେବ।



**ବୃଷ:** ଶତ୍ରୁମାନଙ୍କ ଠାରୁ ପରାସ୍ତ ହେବେ। ମାନସିକ ଶାନ୍ତି ପ୍ରାପ୍ତ ହେବ। ସୁସମ୍ବାଦ ପାଇବେ। ଆୟ ଓ ବ୍ୟୟ ସମାନ ରହିବ। ବ୍ୟସ୍ତତା ମଧ୍ୟରେ ଦିନଟି କଟିବ। ଠକାମୀର ଶିକାର ହୋଇପାରନ୍ତି। ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ।



**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ। ରୋଜଗାର ମଧ୍ୟମ ଧରଣର ହେବ। କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରି ବ୍ୟସ୍ତ ରହିବେ। ପାରିବାରିକ କଳହ ଜାତ ହେବ। ନିଜର ସାଧନା ବଳରେ ସିଦ୍ଧି ଲାଭ କରିବେ।



**କର୍କଟ:** କାର୍ଯ୍ୟକ୍ଷେତ୍ରରେ ବିଳମ୍ବ ପାଇଁ ବିରକ୍ତି ପ୍ରକାଶ ପାଇବ। ଅସହଯୋଗ ବୃଦ୍ଧି ହେବ। ଆୟ ଓ ବ୍ୟୟ ସମାନ ରହିବ। ବନ୍ଧୁବାନ୍ଧବ ବା କୁଟୁମ୍ବେ କଳହ ସୃଷ୍ଟି ହେବ। ଅଶାନ୍ତିର ସୂତ୍ରପାତ ଘଟିବ। ମନ ଅସ୍ଥିର ରହିବ।



**ସିଂହ:** ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ଦେବ ଦର୍ଶନର ସୁଯୋଗ ରହିଛି। ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଅତି ଉତ୍ତମ। ଦୂରଯାତ୍ରାରୁ କର୍ମପ୍ରାପ୍ତି। ବନ୍ଧୁ ବା ସହକର୍ମୀଙ୍କ ସହଯୋଗ ଲାଭ କରିବେ।



**କନ୍ୟା:** କର୍ମକ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ କରିବେ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମନରେ ଅଶାନ୍ତି ଲାଗି ରହବ। ଆୟରେ ବାଧା ଆସିପାରେ। ନିଜର ସ୍ୱାଧୀନତା ରହିବନାହିଁ। ଗୃହେ ଶାନ୍ତି ଲାଭ।



**ତୁଳା:** ପଦସ୍ଥ କର୍ମକର୍ତ୍ତା ବା ଗୁରୁଜନଙ୍କ ଦ୍ୱାରା ପ୍ରଶଂସାପ୍ରାପ୍ତ ହେବ। ନୂତନ କାର୍ଯ୍ୟ ପ୍ରାପ୍ତ ହେବ। ଗୃହରେ ଜଞ୍ଜାଳ ବଢ଼ିବ। ସୁଖ ସମ୍ମାନ ଲାଭ କରିବେ। ଆୟର ପରିମାଣ ପୂର୍ବପରି ରହିବାର ସୂଚନା।



**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ଯେଉଁ କାର୍ଯ୍ୟରେ ହାତ ଦେବେ ତାହା ସଫଳ ହେବ। ବିନା ପରିଶ୍ରମରେ ଆୟ ବୃଦ୍ଧି ହେବ। ଦେହ ସୁସ୍ଥ ରହିବ। ମନରେ ଅହଂକାର ଜାତ ହେବାର ସୂଚନା।



**ଧନୁ:** ଶୁଭ ଖବର ପ୍ରାପ୍ତ ହେବ। ଗୁରୁଜନଙ୍କ ସହଯୋଗ ପ୍ରାପ୍ତ ହେବ। ଦୂର ସ୍ଥାନକୁ ଯାତ୍ରା କରି ଆନନ୍ଦ ଲାଭ କରିବେ। ରୋଜଗାର ମଧ୍ୟମ ହେବ। ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରୁ ଆନନ୍ଦ ଅନୁଭବ କରିବେ। ଗୃହେ ଆନନ୍ଦ।



**ମକର:** କର୍ମକ୍ଷେତ୍ରରେ ସଫଳତା ମିଳିବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ବିବାଦୀୟ କ୍ଷେତ୍ରରେ ବିଜୟ ଲାଭ କରିବେ। ସୁଖ ଓ ସମ୍ମାନ ଲାଭ କରିବେ। ପାରିବାରିକ ଶାନ୍ତି ବଜାୟ ରହିବ। ଦେହ ଭଲ ରହିବ।



**କୁମ୍ଭ:** ପ୍ରତ୍ୟେକ କାର୍ଯ୍ୟ ଆପଣଙ୍କର ସଫଳ ହେବ। ଅଧିକ କ୍ଷମତା ହାତକୁ ଆସିବ। ଆଜି ଆପଣଙ୍କର ବିଜୟ ଯୋଗ ରହିଛି। ମନରେ ଭକ୍ତିଭାବ ଜାତ ହେବ। ରୋଜଗାର ସ୍ଥିର ରହିବ। ପାରିବାରିକ ଜୀବନ ସୁଖମୟ ହେବ।



**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ। ଦେହ ଭଲ ରହିବ। ମନରେ ଅଶାନ୍ତି ଜାତ ହେବ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରୁ ସହଯୋଗ ପ୍ରାପ୍ତ ହେବ। କର୍ମକ୍ଷେତ୍ରରେ ଅବନତି ଯୋଗ। ମହିଳାମାନେ ସୁଖୀ ହେବେ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧।୮।୨୦୨୫, ଶ୍ରାବଣ ଦି୧୭ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୨୨।୨୭ ଚନ୍ଦ୍ରୋଦୟ- ଦିଘ ୧୧।୪୩।୧୨**

**ଅଷ୍ଟମୀ-** ଅହୋରାତ୍ର। **ସ୍ୱାତୀ ନକ୍ଷତ୍ର-** ରାଘ ୩।୪୦ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଦ୬୦ଣ୍ଡ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୬ ଗତେ ଘ ୬।୧୮ ମଧ୍ୟେ । ଦିଘ ୧୨।୧୯ ଗତେ ଘ ୨।୫୩ ମଧ୍ୟେ । **ପର୍ବୋତ୍ସବ-** ଲୋକମାନ୍ୟ ତିଳକଙ୍କ ତିରୋଧାନ ଦିବସ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨।୮।୨୦୨୫, ଶ୍ରାବଣ ଦି୧୮ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୨୨।୪୮ ଚନ୍ଦ୍ରୋଦୟ- ଦିଘ ୧୨।୩୩।୫୮**

**ଅଷ୍ଟମୀ (ମଳ)-** ଦିଘ ୭।୨୪ ପର୍ଯ୍ୟନ୍ତ। **ବିଶାଖା ନକ୍ଷତ୍ର-** ଅହୋରାତ୍ର । **ତୁଳା ଚନ୍ଦ୍ର-** ରାଘ ୧୧।୫୨ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। ରାଘ ୧୧।୫୨ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୭।୨୪ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୬ ଗତେ ଘ ୧।୧୦ ମଧ୍ୟେ । ରାଘ ୮।୩୩ ଗତେ ଘ ୧୦।୪୬ ମଧ୍ୟେ ।

ପ୍ରଣତୋଷ
31 YEARS
ସମ୍ବାଦ କଳିକା

# ଯୁଦ୍ଧ ଯୋଗୁଁ କମୁଛି ଜନସଂଖ୍ୟା

୨୦୧୧ ମସିହାରେ ବିଶ୍ୱର ମୋଟ୍ ଜନସଂଖ୍ୟା ୭ ଶହ କୋଟି ଥିଲା । ମାତ୍ର ୧୪ ବର୍ଷ ମଧ୍ୟରେ ଏହି ସଂଖ୍ୟା ଆହୁରି ଶହେ କୋଟି ବୃଦ୍ଧି ପାଇଛି । ଜାତିସଂଘ ଆକଳନ କରିଛି ଯେ ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ । ଜାତିସଂଘ ରିପୋର୍ଟ ଅନୁଯାୟୀ, ୨୦୩୦ ସୁଦ୍ଧା ବିଶ୍ୱ ଜନସଂଖ୍ୟା ୮.୬ ଅରବ ବା ୮ଶହ ୬୦ କୋଟିରେ ପହଞ୍ଚିବ । ୨୦୫୦ ବେଳେ ଏହି ସଂଖ୍ୟା ୯.୮ ଅରବରେ ପହଞ୍ଚିପାରେ । ୨୧୦୦ ସୁଦ୍ଧା ବିଶ୍ୱ ଜନସଂଖ୍ୟା ୧୧.୨ ଅରବରେ ପହଞ୍ଚିବ ବୋଲି ଆକଳନ କରାଯାଉଛି । ବିଶ୍ୱରେ କିଛି ଦେଶ ଅଛି ଯେଉଁମାନଙ୍କର ଜନସଂଖ୍ୟା ହ୍ରାସ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି । ୟୁକ୍ରେନରେ, ୨୦୨୨ରୁ ୨୦୨୩ ମଧ୍ୟରେ ଅର୍ଥାତ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ୮.୧୦ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଛି । ଜନସଂଖ୍ୟାରେ ଏହି ହ୍ରାସ ପଛରେ ମୁଖ୍ୟ କାରଣ ହେଉଛି ଦେଶରେ ଚାଲିଥିବା ଯୁଦ୍ଧ, ଯେଉଁଥିରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ ଏବଂ ବହୁ ସଂଖ୍ୟକ ନାଗରିକ ଅନ୍ୟ ଦେଶକୁ ଚାଲିଯାଇଥିଲେ । ଜାପାନର ଜନସଂଖ୍ୟା ମଧ୍ୟ ୦.୫୦ ପ୍ରତିଶତ ହ୍ରାସ ପାଇଛି । ହେଲେ ଏଠାରେ ପରିସ୍ଥିତି ସାମାନ୍ୟ ଭିନ୍ନ । ଅନ୍ୟ ଦେଶରେ ପ୍ରବାସ ଏବଂ ଯୁଦ୍ଧ ଜନସଂଖ୍ୟା ହ୍ରାସର କାରଣ ହୋଇଥିବା ବେଳେ, ଜାପାନରେ କେବଳ କମ୍ ଜନ୍ମହାର ଜନସଂଖ୍ୟା ହ୍ରାସର କାରଣ । ସରକାରଙ୍କ ଦ୍ୱାରା ଅନେକ ପ୍ରୋତ୍ସାହନ ଯୋଜନା ଆରମ୍ଭ ହୋଇଛି, କିନ୍ତୁ ଏହା ସତ୍ତ୍ୱେ ଲୋକମାନେ ସନ୍ତାନ ଜନ୍ମ କରିବାରେ ଆଗ୍ରହ ଦେଖାଉ ନାହାଁନ୍ତି । ୟୁରୋପୀୟ ଦେଶ ଗ୍ରୀସରେ ମଧ୍ୟ ଜନସଂଖ୍ୟା ହ୍ରାସ ରେକର୍ଡ କରାଯାଇଛି । ଗୋଟିଏ ଦିନରେ ସେଠାରେ ୧.୬୦ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି । ସେହିପରି ସୈନ ମାରିନୋର ଜନସଂଖ୍ୟାରେ ୧.୧୦ ପ୍ରତିଶତ, କୋସୋବୋର ଜନସଂଖ୍ୟାରେ ୧ ପ୍ରତିଶତ ଏବଂ ବେଲାରୁସର ଜନସଂଖ୍ୟାରେ ୦.୬୦ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଛି । ବେଲାରୁସ ସହିତ, ବୋସନିଆ ଏବଂ ଆଲବାନିଆରେ ମଧ୍ୟ ସମାନ ହ୍ରାସ ପରିଲକ୍ଷିତ ହୋଇଛି । ୟୁକ୍ରେନ ଏବେ ବିଶ୍ୱର ଏପରି ଏକ ଦେଶ ପାଲଟିଛି ଯେଉଁଠାରେ ଜନସଂଖ୍ୟା ସବୁଠାରୁ ଦ୍ରୁତ ହାରରେ ହ୍ରାସ ପାଉଛି । ଯୁଦ୍ଧ ଯୋଗୁଁ ସେଠାରେ ହଜାର ହଜାର ଲୋକ ପ୍ରାଣ ହରାଇଥିବା ବେଳେ ବହୁ ସଂଖ୍ୟକ ନାଗରିକ ଆଶ୍ରୟ ନେବାକୁ ଅନ୍ୟ ଦେଶକୁ ଯାଇଛନ୍ତି । ଏହି କାରଣରୁ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଏଠାକାର ଜନସଂଖ୍ୟା ୮ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଏଠାରେ ନା ଯୁଦ୍ଧ ଅଛି ନା ପ୍ରବାସର କୌଣସି ବଡ଼ ସମସ୍ୟା ଅଛି । ଏହା ସତ୍ତ୍ୱେ ଏଠାରେ ପ୍ରତିବର୍ଷ ଜନସଂଖ୍ୟା ହ୍ରାସ ପାଉଛି । କାରଣ ହେଉଛି ସେଠାକାର ଲୋକଙ୍କ ଜୀବନଶୈଳୀ ଏବଂ ଚିନ୍ତାଧାରା । ଯୁବକମାନେ ବିବାହ କରିବା ଏବଂ ସନ୍ତାନ ଜନ୍ମ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ସରକାରଙ୍କ ଦ୍ୱାରା ସମସ୍ତ ସୁବିଧା ଏବଂ ପ୍ରୋତ୍ସାହନ ଯୋଗାଇବା ପରେ ମଧ୍ୟ ପରିସ୍ଥିତିରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳୁନାହିଁ । ଯଦି ମହାଦ୍ୱୀପ କଥା ରହିବା ତେବେ ୟରୋପ ଏପରି ଏକ ମହାଦ୍ୱୀପ ଯେଉଁଠାରେ ଜନସଂଖ୍ୟା କ୍ରମାଗତ ଭାବରେ କମିଚାଲିଛି । ଅନ୍ୟପଟେ ଏସିଆର ଜନସଂଖ୍ୟାର ଦ୍ରୁତଗତିରେ ବଢି ଚାଲିଛି । ଭାରତ, ଚୀନ୍, ପାକିସ୍ତାନ ଏବଂ ଇଣ୍ଡୋନେସିଆ ଭଳି ବଡ଼ ବଡ଼ ଦେଶଗୁଡ଼ିକ କାରଣରୁ ହିଁ ଏସିଆ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ମହାଦ୍ୱୀପ ହୋଇପାରିଛି । ଯୁକ୍ତରାଷ୍ଟ୍ର ଅନୁସାରେ, ବର୍ତ୍ତମାନ ଗ୍ରୀସର ଜନସଂଖ୍ୟା ୧୦ ମିଲିଅନ୍ (୧ କୋଟି) ରହିଛି । ହେଲେ ୨୧୦୦ ମସିହା ସୁଦ୍ଧା ଏହା ୯ମିଲିଅନ୍ (୯୦ ଲକ୍ଷ) ହୋଇପାରେ । ସେହିପରେ ରୁଷ୍, ଇଟାଲୀ ଏବଂ ଦକ୍ଷିଣ କୋରିଆ ଭଳି ଦେଶ ଗୁଡ଼ିକରେ ମଧ୍ୟ ଜନସମଖ୍ୟା ହ୍ରାସର ସମସ୍ୟା ଦେଖାଦେଉଛି । ଯଦି ଏହି ଦେଶ ଗୁଡ଼ିକରେ ଜନସଂଖ୍ୟାକୁ ସ୍ଥିର କରିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆ ନଯାଏ, ତେବେ ଭବିଷ୍ୟତରେ ଆର୍ଥିକ ଏବଂ ସାମାଜିକ ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ ।



ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

ଚତୁର୍ଥ ଅଧ୍ୟାୟ
(କଳା କଳେବର କହ୍ନାଇ-ବୃତ୍ତେ)

ଜନ୍ମ ମୃତ୍ୟୁ ମୋର ନ ଥାଏ ତେଣୁ ଅଜନ୍ମା ମୁହିଁ
ଧର୍ମନାଶ ବେଳେ ସ୍ୱେଚ୍ଛାଏ କଳେବର ଧରଇ ।୧୦।
ପାପିଷ୍ଠ ଜନଙ୍କୁ ସଂହାରି ସାଧୁଙ୍କୁ କରି ରକ୍ଷା
ନଷ୍ଟ ଧର୍ମ କଷ୍ଟେ ଉଦ୍ଧାରି ଦିଅଇ ଲୋକଶିକ୍ଷା ।୧୧।
ଯେ ମୋତେ ଏ ଭାବେ ଜାଣଇ ପ୍ରାଣପଣେ ଭଜଇ
ଈଶ୍ୱରୀ ମାୟାକୁ ବୁଝିଣ ଅନାସକ୍ତେ ମଜଇ ।୧୨।
ଜ୍ଞାନରୂପୀ ଅଗ୍ନି ଜଳାଇ କାମସଙ୍କଳ୍ପ ସବୁ
କର୍ମଫଳ ସଙ୍ଗ ଛାଡିଣ ନିଶ୍ଚିନ୍ତେ ରହ ବାବୁ ।୧୩।
ଯାହା ଜଗତରେ ହେଉଛି ହେବ, ସବୁ ମୋ ମାୟା
ତଥାପି ନିର୍ଲିପ୍ତ ତହିଁରେ ମୋତେ ନ ଲାଗେ ଏଡା ।୧୪।
ସଙ୍କଳ୍ପ ସମୂହ ଏଡ଼ିଣ ଯଜ୍ଞ କରମ କର
ସେବା ଶୁଦ୍ଧି, ସବୁ ମୂଳରେ ଇନ୍ଦ୍ରିଦମନ ସାର ।୧୫।
ଦାନ ଧ୍ୟାନ ପ୍ରାଣାୟାମାଦି ଯଜ୍ଞ ଯେତେ ପ୍ରକାର
ଗୁରୁବିନେ ଏହା ସାଧିବା ହେବ ଅହିତକର ।୧୬।
ଜ୍ଞାନ ଯଜ୍ଞ ଆଶ୍ରେ କରିଣ ମୁକ୍ତି ପାଆନ୍ତି ପାପୀ
ଶ୍ରଦ୍ଧାରେ ସୁହୃଦେ ଶରଣ ସଦା ହୁଅନ୍ତି ତପୀ ।୧୭।
ଏ ମାର୍ଗରେ ରହି କରମବନ୍ଧୁ ହୁଅ ତୁ ପାର
ଶୁଣି ଶ୍ରୀହରି ଶ୍ରୀଚରଣେ ପଡିଲା ପାର୍ଥବୀର ।୧୮।
ଧନ୍ୟ ଧନୁର୍ଦ୍ଧର କିରିଟୀ, ଧନ୍ୟ ଜନମ ତୋର
ମନ୍ଦ ବଇକୁଣ୍ଠ ଅନ୍ଧକୁ ଟିକେ ସଙ୍ଗତେ ଧର ।୧୯।
(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୩୧)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଧ୍ୱଂସର ଦ୍ୱାରଦେଶରେ ଫିଙ୍ଗିଦେଇଛି ତାହାର ଅଜସ୍ର ଉଦାହରଣ ଏ ସଂସାରରେ ଅଭାବ ନାହିଁ । ସଂସାରର ସମସ୍ତ ନାରୀ ଯେ ଏହି ପ୍ରବୃତିରେ ଅଭ୍ୟସ୍ତ, ସେ କଥା ନୁହେଁ । ସମସ୍ତ ପୁରୁଷ ଯେ ନାରୀର ମାୟାଜାଲର ଶୀକାର ହୁଅନ୍ତି ସେକଥା ବି ନୁହେଁ । କିନ୍ତୁ ବାସ୍ତବ ସତ୍ୟ ହେଉଛି ମା ଆଦ୍ୟାଶକ୍ତିଙ୍କର ପ୍ରତୀକାତ୍ମକ ଶକ୍ତି ହେଉଛନ୍ତି ନାରୀ । ନାରୀ ବ୍ୟତୀତ ଏ ସୁନ୍ଦର ସୃଷ୍ଟି ତିଷ୍ଠି ପାରିବନି କିମ୍ବା ସୃଷ୍ଟିର ଚିନ୍ତା ବି କରାଯାଇ ପାରିବନି । ନାରୀଟିଏ ଯାହାବି ହେଉନା କାହିଁକି ସେ ଆମପାଇଁ ଚିର ନମସ୍ୟ । ତେଣୁ ହେ ରାଜନ ! ତୁମେ ଆମର ଏହି ପରାମର୍ଶଟି ରାଜ୍ୟର କଲ୍ୟାଣ ନିମନ୍ତେ ଶୀଘ୍ର କାର୍ଯ୍ୟ କର । ଶେଷରେ ରାଜାଲୋମ ପାତ ଜରତା ନାମରେ ଏକ ଅନିନ୍ଦ୍ୟ ସୁନ୍ଦରୀ ବେଶ୍ୟା ସହିତ ଆସୁରି କିଛି ସୁନ୍ଦରୀ ଲଳନାଙ୍କୁ ଗୋଟିଏ ପୁଷ୍ପସଜ୍ଜିତ ନୌକାରେ ଋଷ୍ୟଶୃଙ୍ଗଙ୍କୁ ଆଣିବା ନିମନ୍ତେ ଅରଣ୍ୟ ପଠାଇଲେ । ନିର୍ଜନ ଅରଣ୍ୟ ମଧ୍ୟରେ ଋଷ୍ୟଶୃଙ୍ଗଙ୍କୁ ନିବିଡ ବାହୁବନ୍ଧନରେ ଜରତା ଏପରି ବିମୋହିତ କରିଦେଲା ଯେ ଋଷ୍ୟଶୃଙ୍ଗ ଜରତାର ଅନାବୃତ ଶରୀରକୁ ଉପଭୋଗ କରୁ କରୁ ନୌକାରେ ଆସି ଲୋମପାତଙ୍କ ରାଜ୍ୟରେ ପହଞ୍ଚିଗଲେଣି ଅଥବା ଜାଣିପାରିଲେ ନାହିଁ ସେ କେଉଁସ୍ଥାନରେ ଆସି ପହଞ୍ଚିଲେଣି । ନାରୀ ପ୍ରେମରେ ଭୂଲିଗଲେ ଋଷ୍ୟଶୃଙ୍ଗ ଜନ୍ମ ଜନ୍ମର ସାଧନା ଓ ତପସ୍ୟାର ଅମୃତ ସୋପାନ । ମନ ଓ ମସ୍ତିଷ୍କର ଚେତନା ରୂପାନ୍ତର ହେଲା ନାରୀର ଗଭୀର ଆଶ୍ଲେଷରେ । ନାରୀ ସମ୍ଭୋଗର ତୀବ୍ର ଲାଳସା କିପରି ଜଣେ ବ୍ରହ୍ମର୍ଷୀଙ୍କୁ ହତ ଚକିତ କରି ଦେଇଥିଲା ତାହା ରାମାୟଣରେ ଏକ ଦୃଷ୍ଟାନ୍ତ ମୂଳକ ଉଦାହରଣ ସୃଷ୍ଟି କରେ । ଏ କ୍ଷେତ୍ରରେ ଜରତା ଜଣେ ଗୌରବମୟ ବିମଣ୍ଡିତ ଓ ପ୍ରାତଃ ସ୍ମରଣୀୟନାରୀ ଭାବେ ସଂସାରରେ ଚର୍ଚ୍ଚିତ, କାରଣ ଲୋକଙ୍କର କଲ୍ୟାଣପାଇଁ ନିଜର ଚରିତ୍ରକୁ ସମର୍ପିତ କରିଥିଲେ । ଋଷ୍ୟଶୃଙ୍ଗ ଭଳି ବ୍ରହ୍ମର୍ଷୀ ବେଶ୍ୟାସକ୍ତ ହୋଇ ମଧ୍ୟ ଲୋକଙ୍କ କଲ୍ୟାଣ ପାଇଁ ନିଜର ତପସ୍ୟା ସିଦ୍ଧ ବିଦ୍ୟାକୁ ପ୍ରୟୋଗ କରି ଜଣେ ପୁଣ୍ୟଶ୍ଲୋକ ମହାତ୍ମାଭାବେ ଚିର ଅମର ହୋଇଗଲେ । ଜଟାଧାର ନଦୀତଟରେ ଆଜି ଦେଖୁଛନ୍ତି ବିଶର ସେହି ଚରିତ୍ର ଗୁଡିକ ସତେ ଯେପରି ଜୀବନ୍ତ ହୋଇଯାଉଛି । ବିଶର ଦେଖୁଛନ୍ତି ଧୀରେ ଧୀରେ ସେହି ପୁଷ୍ପସଜ୍ଜିତ ନୌକାଟି ତାଙ୍କ ନିକଟକୁ ଆସିଯାଉଛି । ନୌକାରେ ଜଣେ ନାରୀ ବସିଛନ୍ତି ତାଙ୍କ ରୂପର ଶୋଭା ଏପରି ଦୃଶ୍ୟମାନ ହେଉଛି ଯେ ତାକୁ ଦେଖିଲେ ସ୍ୱୟଂ କନ୍ଦର୍ପ ମଧ୍ୟ ଅଭିସାର କରିବା ପାଇଁ କୁଣ୍ଠିତ ହେବ ନାହିଁ । ସର୍ବାଙ୍ଗରେ ବିଭିନ୍ନ ରତ୍ନ ଖଚିତ ଅଳଙ୍କାର ଉପରେ ଅସ୍ତଗାମୀ ସୂର୍ଯ୍ୟଙ୍କର ନମ୍ର ଆଲୋକରେ ବଡ ବିଚିତ୍ର ବର୍ଣ୍ଣ ବିଭାସୃଷ୍ଟି କରୁଛି । ଗଭାରେ ଖୋସିଛନ୍ତି ସଜଫୁଟା ମଲ୍ଲୀଫୁଲର ଗଜରା । ଆଉ ଦୁଇଜଣ ସୁନ୍ଦରୀ ଦୁଇପାଖରେ ଦଣ୍ଡାୟମାନ ହୋଇ ପରଚାରିକାର କାର୍ଯ୍ୟ କରୁଛନ୍ତି । ସେହି ଦୁଇ ପରି ଚାରିକା ନୌକାରୁ ଓହ୍ଲାଇ ଆସି ବିଶର ମହାନ୍ତିଙ୍କୁ ପରିଚୟ ମାଗିଲେ । ବିଶର ମାତୃସମ ଜ୍ଞାନରେ ଦୁଇ ପରିଚାରିକାଙ୍କୁ ପ୍ରଣାମ କରି କହିଲେ "ମା ! ମୋର ପରିଚୟ ଯଦି ଜାଣିବାକୁ ଚାହୁଁଛ ତେବେ ଏତିକି କହିପାରେ ଯେ ମୁଁ ଜଣେ ସନ୍ୟାସୀ । ମୋର ଘର ଦ୍ୱାର କିଛି ନାହିଁ । କେବଳ ଈଶ୍ୱର ହିଁ ମୋର ଭରସା । ଆଚ୍ଛା, ତୁମେମାନେ କିଏ ମୋତେ ଟିକିଏ ପରିଚୟ ଦିଅ ।"
(କ୍ରମଶଃ)

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

# ସିନିୟର ସିଟିଜେନ୍

କେଇ ବର୍ଷ ତଳର କଥା । ବ୍ୟାଙ୍କ ମ୍ୟାନେଜର ମୋ ହାତରେ ପାସବୁକ, ଚେକବୁକ ଆଉ କିଛି କାଗଜପତ୍ର ଦେଇ କହିଲେ, କଂଗ୍ରାଚୁଲେସନ୍ସ । ଆପଣ ସିନିୟର ସିଟିଜେନ୍ ହେଲେ, ଆପଣଙ୍କର ସିନିୟର ସିଟିଜେନ୍ ଆକାଉଣ୍ଟ ବି ରେଡି ହେଇଗଲା । ବରିଷ୍ଠ ନାଗରିକ ଭାବରେ ଏବେଠୁଁ ଆପଣ ଅଧିକ ସୁଧ ପାଇବେ ଆଉ ଅନ୍ୟାନ୍ୟ ଅନେକ କିଛି ସୁଯୋଗ ସୁବିଧା ବି ପାଇବେ । ବ୍ୟାଙ୍କ ମ୍ୟାନେଜରଙ୍କ କଥାରେ ମୁଁ ଆହୁରି ଖୁସି ହୋଇଯାଇଥିଲି । ବେଶ୍ ଫୁର୍ଫୁର୍ ମିଜାଜରେ ମୁଁ ବ୍ୟାଙ୍କରୁ ବାହାରିଥିଲି ।

ଯେବେଠୁଁ ମୁଁ ସିନିୟର ସିଟିଜେନ୍ ହେବି ହେବି ଅବସ୍ଥାରେ ଥିଲି, ସେତେବେଳୁ ମୋତେ ଆମ ସାହିର ଜ୍ୟୋତିଷ ସହ ଅନେକେ କହୁଥିଲେ ଯେ, ଏବେ ତ ଆପଣଙ୍କୁ ୬୦ ପୁରିବ । ଆପଣଙ୍କ ଭାଗ୍ୟ ଖୋଲିଯିବ । ସିନିୟର ସିଟିଜେନ୍ ହେବା ପରେ ଆପଣ ବହୁତ ସୁଯୋଗ ସୁବିଧା ପାଇବେ । ଟ୍ରେନରେ ରିହାତି ଭଡ଼ାରେ ଯିବେ, ବସରେ ଆପଣଙ୍କ ପାଇଁ ସିଟ୍ ସଂରକ୍ଷିତ ହେଇ ରହିବ, ହାସପାତାଳରେ ଆପଣଙ୍କ କଥା ଆଗେ ବୁଝାଯିବ । ବଡ଼ ଆନନ୍ଦରେ ଆପଣଙ୍କର ଦିନକାଳ କଟିବ ।

ୟା' ଭିତରେ ୫ ବର୍ଷ କଟିଯାଇଛି । ମୁଁ ଜୁନିୟର ସିନିୟର ସିଟିଜେନ୍‌ରୁ ଏବେ ପୁରୁଖା ସିନିୟର ସିଟିଜେନ୍ ହେଲିଣି । ବରିଷ୍ଠ ନାଗରିକରୁ ଅତି ବରିଷ୍ଠ ନାଗରିକ ହେଲିଣି । ହେଲେ ଯେଉଁ ସବୁ ସୁଯୋଗ ସୁବିଧା ପାଇବି ମୋତେ କୁହାଯାଇଥିଲା ଆଉ ପାଇବି ବୋଲି ମୁଁ ସ୍ୱପ୍ନ ଦେଖିଥିଲି- ସେଗୁଡ଼ିକରୁ ଅଧିକାଂଶ ମୁଁ ପାଇପାରୁନାହିଁ ।

ପ୍ରଥମରେ କହେ, ବ୍ୟାଙ୍କ ସୁଧ ପ୍ରସଙ୍ଗ । ୫/୬ ବର୍ଷ ତଳେ ଯେତେବେଳେ ଜୁନିୟର ସିଟିଜେନ୍ ଥିଲି, ସେତେବେଳେ ମୁଁ ବ୍ୟାଙ୍କର ଫିକ୍ସଡ୍ ଡିପୋଜିଟରୁ ଯେତିକି ସୁଧ ପାଉଥିଲି, ଏବେ ତାଠୁଁ କମ୍ ସୁଧ ପାଉଛି । ୟା' ଭିତରେ ମୂଲ୍ୟ ବୃଦ୍ଧି ଯେ କେତେ ହେଲାଣି, ସେ ବିଷୟରେ କିଛି କହିବା ଉଚିତ ମନେ କରୁନାହିଁ । କାରଣ ମୂଲ୍ୟବୃଦ୍ଧି ବିଷୟରେ କହିଲେ ମୁଁ ଦେଶଦ୍ରୋହୀ ବୋଲେଇବାର ଆଶଙ୍କା ରହିଯାଉଛି ।

ଟ୍ରେନ୍ ଟିକେଟରେ କନସେସନ୍ ମିଳୁଥିଲା । କିନ୍ତୁ ୧୯୯୯ରୁ ଦୁଇ ବର୍ଷ କରୋନା ଆମକୁ ପୁରା ଘାଣ୍ଟିଦେଲା । କରୋନାରେ ଭ୍ରମଣ କରିବା ଛାଡ଼, ଘରୁ ବାହାରିବା ପାଇଁ ମନା ହୋଇଗଲା । ତେଣୁ ମୋର ଟ୍ରେନ୍ ଭ୍ରମଣ ହେଇପାରିଲାନି କି କନସେସନ୍ ଲାଭ ଉଠା ହୋଇପାରିଲାନି । ତା ଭିତରେ ସରକାର କହିଦେଲେ- ରେଳରେ କ୍ଷତି ହେଉଛି । ବୁଢ଼ାମାନଙ୍କୁ ଆଉ ରିହାତି ଦିଆଯାଇପାରିବନି । ରିହାତି ବନ୍ଦ । କେବଳ ସେମିତି ନୁହେଁ- ଆଗରୁ ବୁଢ଼ାଲୋକମାନଙ୍କୁ ଟ୍ରେନରେ ତଳ ବର୍ଥ ଦେବାର ଗୋଟେ ନିୟମ ଥିଲା । ତାକୁ ବି ସରକାର ସଙ୍କୁଚିତ କରିଦେଲେ । ସରକାର ବୋଧହୁଏ ଭାବିଲେ: ବୁଢ଼ାମାନଙ୍କର ଉପରକୁ ଯିବାର ଟାଇମ୍ ପାଖେଇ ଆସିଲାଣି, ତେଣୁ ସେମାନେ ଉପର ବର୍ଥକୁ ଯାଆନ୍ତୁ ।

ବସ୍ ଭ୍ରମଣ କଥାକୁ ଆସିଲେ, ବସ୍‌ରେ ଲେଖା ହେଇଥାଏ ଯେ ସିନିୟର ସିଟିଜେନ୍ ପାଇଁ ନିର୍ଦ୍ଦିଷ୍ଟ ଆସନ । ହେଲେ ବସରେ ଉଠିଲା ମାତ୍ରେ ଦେଖିବେ, ସେଥିରେ ତରୁଣମାନେ ସବୁ ବସିଛନ୍ତି । ଆପଣ ସିନିୟର ସିଟିଜେନ୍ ପାଇଁ ନିର୍ଦ୍ଦିଷ୍ଟ ସିଟ୍ ପାଖରେ ଆସିକି ଠିଆହେଲେ, ଦେଖିବେ ସିଟରେ ଉପବିଷ୍ଟ ତରୁଣମାନେ ସେତେବେଳକୁ ଧ୍ୟାନମଗ୍ନ ବୁଦ୍ଧ ହେଇଗଲେଣି । ଆଖି ବନ୍ଦ କରି ବସିଛନ୍ତି । ଆଖି ଖୋଲା ରହିଲେ ବି ଆପଣଙ୍କୁ ସିଏ ଅନଉନାହାନ୍ତି ବା ଆପଣଙ୍କୁ ଦେଖୁନାହାନ୍ତି । ଅନେକଟା ଯୋଗ ସମାଧିର ଚରମ ଅବସ୍ଥା । ଆପଣ ଯଦି ସିଟ୍ ଛାଡ଼ିବା ପାଇଁ ତାଙ୍କୁ କହିବେ ସେତେବେଳେ ସେମାନେ ଅତ୍ୟନ୍ତ ବିରକ୍ତି ପ୍ରକାଶ କରିବେ, ଅନେକେ ମୁହଁରେ କହିବେ, ଅନେକେ ଇଙ୍ଗିତରେ କହିଦେବେ । କେତେକ ତ ମତେ ପ୍ରଶ୍ନ ବି ପଚାରନ୍ତି ଯେ, ଆପଣ କ'ଣ ସିନିୟର ସିଟିଜେନ୍ ? ଅର୍ଥାତ୍, ମୋ ଚେହେରା ଦେଖି, ମୋର ଏତେ ବୟସ ହେଲାଣି ସେଥିରେ ସେ ସନ୍ଦେହ ପ୍ରକାଶ କରୁଛନ୍ତି । ଏଥିରେ ମୁଁ ଖୁସି ହେବା କଥା । ଅନ୍ୟ ସମୟ ଏବଂ ସ୍ଥାନରେ ହୁଏତ ହୋଇଥାନ୍ତି । କିନ୍ତୁ ଭିଡ଼ ବସ୍ ଭିତରେ ଖୁସି ଆସେନା । ଏଥିରୁ ଗୋଟେ ବଡ଼ ଜ୍ଞାନ ଆପଣମାନେ ଗୋଟେଇପାରନ୍ତି: କେଉଁ କଥାରେ ଆପଣ ଖୁସି ହେବେ ତାହା କଥା ଉପରେ ଯେତେ ନୁହେଁ- କେଉଁ ପରିସ୍ଥିତି ଏବଂ ପରିପ୍ରେକ୍ଷୀରେ କଥାଟା କୁହାଯାଉଛି ତାହା ଉପରେ ବେଶି ନିର୍ଭର କରେ ।

ଅବଶ୍ୟ କେତେକ ସହୃଦୟ ଲୋକ ଅଛନ୍ତି, ଯେଉଁମାନେ ସିନିୟର ସିଟିଜେନ୍ ପାଇଁ ଆସନ ଛାଡ଼ିଦିଅନ୍ତି । କିନ୍ତୁ ଭଲ ଲୋକ, ଧଳା ବାଘ ଆଉ ନିର୍ମଳ ଚରିତ୍ର ନେତା ଭଳି ସଂଖ୍ୟାରେ ନିତାନ୍ତ ନଗଣ୍ୟ ।

ସମାଜରେ ବରିଷ୍ଠ ନାଗରିକମାନଙ୍କୁ ବିଶେଷ ସମ୍ମାନ ଦିଆଯିବ ବୋଲି ବାରମ୍ବାର କୁହାଯାଉଥିଲା । ହେଲେ ସିନିୟର ସିଟିଜେନ୍ ହେବା ପରେ ଗୋଟେ ଅଦ୍ଭୁତ ବେପାର ଲକ୍ଷ୍ୟ କରୁଛି । କଉଠି କିଛି ଯଦି ଅନ୍ୟାୟ ଦେଖିଲେ ଯଦି ପ୍ରତିବାଦ କରୁଛି, ତାହେଲେ ଶୁଣିବାକୁ ପଡୁଛି ଯେ, ଆପଣଙ୍କର ବୟସ ହେଲାଣି ଆଜ୍ଞା, ଆପଣ ଏସବୁ ଝାମେଲା ଭିତରେ ପଶନ୍ତୁନି । ଏମିତିକି ବ୍ୟକ୍ତିଗତ କିଛି ସମସ୍ୟା ନେଇ ପ୍ରତିବାଦ କଲେ ବି ଏକା କଥା ମୋତେ ଶୁଣିବାକୁ ପଡୁଛି । ଆପଣଙ୍କ ବୟସ ହେଲାଣି, ଆପଣ ଏସବୁ ଭିତରକୁ ପଶନ୍ତୁନି । ଅର୍ଥାତ୍, ସିନିୟର ସିଟିଜେନ୍ ଭାବରେ ମୁଁ ଶିଖିଲି ଯେ, ବୟସ ହେଇଗଲେ କଉ କଥାରେ ପ୍ରତିବାଦ କରିବା ଠିକ୍ ନୁହଁ । ଯାହା ହେଉଛି, ତାକୁ ମାନିନିଅ ।

କଥାଟା ସାମାଜିକ କ୍ଷେତ୍ରରେ ଯେମିତି ଲାଗୁ, ପରିବାର ଭିତରେ ମଧ୍ୟ ସେମିତି । ମୋ ଇଚ୍ଛାରେ ମୁଁ ଟେଲିଭିଜନ୍ ଦେଖିପାରିବିନି, ଯାହା ଅନ୍ୟମାନେ ଦେଖୁଛନ୍ତି ଚୁପି କରି ବସି ତାକୁ ଦେଖ । ମୋ ଇଚ୍ଛାରେ ମୁଁ କହିପାରିବିନି ଯେ, ଅମକଟା ଆଜି ରାନ୍ଧିଦିଅ, ମୁଁ ଖାଇବି । ମୋତେ କୁହାଯାଏ: ବୁଢ଼ା ହେଲଣି । ଲୋଭ ସମ୍ଭରଣ କର । ତମ ପାଇଁ ଯାହା କରାଯାଉଛି ତାକୁଇ ଚୁପଚାପ୍ ଖାଅ । ଖରାଦିନ ଦିପହରେ ମୁଁ କହିପାରିବିନି ମୋତେ କଞ୍ଚା ଆମ୍ବ ପୋଡ଼ା ସରବତ କରିଦିଅ । ମୋତେ କୁହାହେବ: ଡାଇବେଟିସ୍ କେତେ ହେଲାଣି ମନେ ଅଛି ! ବୁଢ଼ା ହେଲାଣି । ଲୋଭ ଯାଉନି । ଶୀତୁଆ ସଂଜରେ ମୁଁ କହିପାରିବିନି- ଷ୍ଟ୍ରଙ୍ଗ୍ କଫି କପେ ଦିଅ । ମୋତେ କୁହାହେବ- ବୁଢ଼ା ହେଲଣି । ଏବେ କଫି ପିଇଲେ ରାତିରେ ନିଦ ହେବନି । ଗ୍ୟାସ୍ ହେବ । ଯାହା ଦିଆଯାଉଛି- ତାକୁ ଖାଅ । ତାକୁଇ ପିଅ । ଅର୍ଥାତ୍, ମାନିନିଅ । ଏମିତି ମାନି, ମନେଇ ନେଉ ନେଉ ଧୀରେ ଧୀରେ ମୋତେ ଲାଗିଲାଣି ଯେ ମୁଁ ଏକ ଆଳୁ ହୋଇଗଲିଣି । କେବଳ ମୁଁ କାହିଁକି, ବୋଧହୁଏ ତମାମ ଦୁନିଆର ସବୁ ସିନିୟର ସିଟିଜେନ୍ କ୍ରମଶଃ ଆଳୁରେ ପରିବର୍ତ୍ତିତ ହୋଇ ଯାଉଛନ୍ତି । ସେମାନେ ସବୁ ତରକାରିରେ ପଡ଼ିବେ, ସବୁ ଜାଗାରେ ତାଙ୍କୁ ଚଳେଇ ନେବାକୁ ପଡ଼ିବ । ତ ଆଳୁ ଅବସ୍ଥାକୁ ମୁଁ ଆସି ଗଲିଣି । ୟା' ପରେ ପରେ ବାସ୍ ପୋଟଳ ଅବସ୍ଥାକୁ ଯିବାକୁ ଅପେକ୍ଷା ।



ସଲିଳା ତ୍ରିପାଠୀ
ହନୁମାନଗଦୀ, ବୋଲଗଡ
୮୭୬୩୭୮୮୬୧୪

# ସବୁଠାରୁ ବଡ଼ କାମ

ଦିନ ଥିଲା ସାଂସାରିକ ଜୀବନଯାପନ କରିବା ପାଇଁ ମଣିଷକୁ ଅନେକ ପରିଶ୍ରମ କରିବାକୁ ପଡୁଥିଲା। ପରିବାର ପ୍ରତିପୋଷଣ ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ମାରି ସବୁ ବର୍ଗର ଲୋକମାନେ ଦିନ ସାରା କଠିନ ଶ୍ରମ ଦାନ କରୁଥିଲେ। କାରଣ ରାତ୍ରି ମାନେ ତ ଅନ୍ଧାର ଆଉ ଅନ୍ଧାରରେ ଅବା କେଉଁ କାମ ସମ୍ଭବ। ମନୁଷ୍ୟ ନିଜର ବୁଦ୍ଧି ଓ ନୂତନ କୌଶଳ ପାଇଁ ଅସମ୍ଭବକୁ ସମ୍ଭବ କରିପାରୁଛି । ସ୍ୱୟଂ ଈଶ୍ୱର ବି ହୁଏତ ପଛରେ ପଡିଯିବେ । ମନୁଷ୍ୟର ଅନେକ ଧର୍ମ ରହିଛି । ଧର୍ମ ଶବ୍ଦର ଅର୍ଥଟି ଏଠି କେବଳ କର୍ତ୍ତବ୍ୟ ଓ କର୍ମକୁ ବୁଝାଉଅଛି। ପ୍ରତ୍ୟେକ ବ୍ୟକ୍ତି ପ୍ରଥମେ ତା' ନିଜର ଏବଂ ସଙ୍ଗେ ସଙ୍ଗେ ନିଜ ପରିବାରର ବା ପରିବେଶର ଜାଗ୍ରତ ପ୍ରହରୀ ସାଜିଥାଏ । ତେଣୁ ନିଜ ସହିତ ସେମାନଙ୍କର ଭଲମନ୍ଦ ଓ ସୁଖଦୁଃଖରେ ଭାଗିଦାର ହୋଇଥାଏ।

ମନେ କରନ୍ତୁ ନିଜ ପିତାମାତା, ସ୍ୱାମୀ ବା ସ୍ତ୍ରୀ ଓ ପିଲାମାନେ, ସାଇପଡିଶା, ବନ୍ଧୁବାନ୍ଧବ ଅଥବା କୌଣସି ସୂତ୍ରରେ ସଂପର୍କୀୟ ମାନଙ୍କର ହାନିଲାଭ ଓ ସୁରକ୍ଷାର ଦାୟିତ୍ୱଟିକୁ ସ୍ୱତପ୍ରବୃତଃ ଭାବେ ନେବାପାଇଁ ତା'ର କୁଣ୍ଠା ନହେବା ସ୍ୱାଭାବିକ । ତେବେ ସ୍ଥଳବିଶେଷରେ ସେ ଏହି ପରିଧିରୁ କାହାକୁ ଅଗ୍ରାଧିକାର ଦେଇଥାଏ ତାହା ପ୍ରତ୍ୟେକ ମଣିଷର ନିଜସ୍ୱ ବିଚରବୁଦ୍ଧି ଉପରେ ନିର୍ଭର କରିଥାଏ । ସେଥିପାଇଁ ସମସ୍ତେ ତ ଆଉ ସାମୂହିକ ସ୍ୱାର୍ଥର ସ୍ୱପ୍ନ ଦେଖିବାକୁ ଭଲ ପାଇନଥାନ୍ତି । ତେଣୁ ନିଜର ସମୟ, ପ୍ରେମ, ଅର୍ଥ, ତ୍ୟାଗ ଇତ୍ୟାଦିକୁ ମହତ ଉଦ୍ଦେଶ୍ୟରେ ଲଗାଇବାର ଚାତୁର୍ଯ୍ୟକୁ ବୁଝିବାର ଶକ୍ତି ସମସ୍ତଙ୍କ ପାଖରେ ନ ଥାଏ ।

ସବୁଠାରୁ ଛୋଟ ସମୂହ ରୂପେ ପରିବାର ବିଦ୍ୟମାନ । ଭାରତବର୍ଷରେ ଅନେକ ସମୟ ଧରି ଯୌଥ ପରିବାରର ସଂଗଠନଟି ପ୍ରଚଳନ ହେଉଥିଲା । ଅନେକ ସକରାତ୍ମକ ବୈଶିଷ୍ଟ ଥାଇ ମଧ୍ୟ ହାଣ୍ଡିଏ ଅମୃତରେ ଟୋପାଏ ବିଷ ପରି ସେ ସଂଗଠନର ଧ୍ୱଂସାବଶେଷକୁ ଆଜି ଆଉ ଦେଖିବାକୁ ମିଳୁନାହିଁ । ଯଦି କେଉଁଟି କାଁ ଭାଁ ଥାଏ ତେବେ ସେମାନେ ଗିନିଜ୍ କିମ୍ବା ଲିମ୍‌କା ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବାର ଆଶାରେ ଅନାଇ ବସିଥିବେ । ଅଥଚ ଏହା ହିଁ ଆମର ମୂଳ ପରମ୍ପରା ଥିଲା। ସମୟ ପ୍ରତ୍ୟେକଟି ସତ୍ତାରେ ପରିବର୍ତ୍ତନ ଆଣିଲା ପରି ଏଥିରେ ଭିନ୍ନତା ଆଣିଛି ସେଥିରେ କିଛି ଭାବିବାର ନାହିଁ । ଆଉ ଏହି ପରିବର୍ତ୍ତନ ମନୁଷ୍ୟର ସଂଗଠିତ ମାନସିକତାରେ ଯେଉଁ ଆଲୋଡନ ଆଣିଛି ଯାହା ପରିବାର କହିଲେ ସଦସ୍ୟଙ୍କର ପରିମାଣକୁ ଏକବାରେ କମେଇ ଦେଇଛି । ଯେଉଁଠି ସାନ ସାନ ପିଲାମାନେ ଘରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ପାଖରେ ଆଶ୍ରିତ ହେଉଥିଲେ ସେମାନେ ଏବେ ସ୍ମାର୍ଟଫୋନ୍ ପାଖରେ ପଣବନ୍ଦୀ । ସମବୟସ୍କ ଯୁବକ ଯୁବତୀ ଭାଇ ଭଉଣୀ ରୂପେ ଗୋଟିଏ ଖଞ୍ଜାରେ ନୈତିକତା ଆଧାରରେ ଶୃଙ୍ଖଳିତ ଭାବେ ଜୀବନଯାପନ କରୁଥିଲେ ସେମାନେ ଏବେ ଦିଗହରା ଆଉ ପଥହରା । ଘରର ମହିଳାମାନେ ଚାରିକାନ୍ଥ ଭିତରେ ଥାଇ ପରସ୍ପରର ମୁଣ୍ଡ ବାନ୍ଧିବା ଠାରୁ ଆରମ୍ଭ କରି ତାସ୍ ଖେଳ, କବିତା ଲେଖା, ପରସ୍ପର ଦୁଃଖରେ ସମଦୁଃଖୀ ହୋଇ ଘରକରଣାର ନୂତନ ଆବିଷ୍କାର, ମଜା ମଜଲିସ୍‌ରେ ସମୟ କାଟୁଥିଲା ବେଳେ ଏବେ ଦିନରାତି ଟିଭି ସିରିଏଲ ନ ହେଲେ ମୋବାଇଲ ପାଗଳ ସାଜୁଛନ୍ତି। ବୁଢ଼ାବୁଢ଼ୀମାନେ ନିଜକୁ ସୁରକ୍ଷା ବଳୟରେ ପାଇ ନାତି ନାତୁଣୀଙ୍କୁ ଗଳ୍ପ ମାଧ୍ୟମରେ ନୈତିକ ଶିକ୍ଷା ଦେବା ବଦଳରେ ଜନ୍ମିତ ସନ୍ତାନମାନଙ୍କୁ ଉପଯୁକ୍ତ ରୋଜଗାର ପାଇଁ ଦେଶାନ୍ତରୀ କରି ନିଜେ ସ୍ୱାଧୀନ ଭାବେ ଅସହାୟ ହୋଇ ଭିଟାମାଟିରେ କାଳାତିପାତ କରୁଛନ୍ତି।

ଏହି ଦୁର୍ଦ୍ଦିନରେ ସ୍ୱାଧୀନତାର ଅର୍ଥ ହୋଇଛି ଉଶୃଙ୍ଖଳତା। ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସ୍ୱାଧୀନ । କାହାରି ମନରେ କାହାରି ପାଇଁ ଦରଦ ନାହିଁ କି ଭାବନା ନାହିଁ । କେବଳ ପାଖରେ ପଇସା ଥିଲେ ସବୁକିଛି ସମ୍ଭବ । ପରସ୍ପରକୁ ଦୋଷାରୋପ କରି ଦିନ କାଟିଦେବା ଛଡା ଆଉ କରିବାକୁ କିଛି କାମ ଯେ ନାହିଁ । ଥରେ ଜଣେ ମା' ତାଙ୍କ ଝିଅକୁ କହିଲେ 'କି କାମ କରୁଛ ଯେ ଏତେ କଷ୍ଟ ହଉଛି' ଆମ ବେଳର କାମ ତମେ ଜାଣିନ, ତୁମର ନା ଜମିବାଡି ଅଛି ଗାଇଗୁହାଳ ଅଛି ନା ଗୁରୁ ଗୁରୁଜନଙ୍କର ସେବା ଅଛି । ଖାଲି ତମର ପିଲା ପଛରେ ଦିନରାତି ଏକାକାର କରିଦେଉଛ । ସିଏ ପୁଣି ଛଅଟା ନୁହଁ କି ନଅଟା ନୁହେଁ ମାତ୍ର ଗୋଟିଏ । ଏବେ ଝିଅ କାହିଁକି ପଛଘୁଞ୍ଚା ଦେବେ ସିଏ କହିଲେ ତମେ ନା ଗାଡି ଚଲେଇ ଶିଖିଥିଲ, ନା ବଜାର ସଉଦା କରୁଥିଲ, ପିଲାମାନଙ୍କର ପାଠପଢ଼ାର ସମସ୍ତ ଦାୟିତ୍ୱ ନେଉଥିଲ ନା ଶରୀର ଅସୁସ୍ଥ ହେଲେ ଡାକ୍ତରଖାନାକୁ ନେଇକି ଯାଇ ପାରୁଥିଲ । ଆମେ ମଧ୍ୟ ରୋଷେଇ କରୁଛୁ, ଘରକାମ କରୁଛୁ କିନ୍ତୁ କିଛି କାମ ଆମ ପାଇଁ ମେସିନ୍ କରୁଛି ତା'ଛଡ଼ା ଆମେ ରାତିରେ ଦିନଭଳି ଅନେକ କାମ କରିପାରୁଛୁ । କାରଣ ତମ ବେଳର ପରିଶ୍ରମ ଏବେ କରିବା ଅସମ୍ଭବ ଓ ସମ୍ଭବତଃ ବୋକାମୀ ।ତା'ଠାରୁ ବଡ କାମ ହେଉଛି ସେଇ ଗୋଟିଏ ପିଲାକୁ ମଣିଷ ପରି ମଣିଷ କରିବୁ । ତା'ରି ଭିତରେ ଆମେ ସମଗ୍ର ଦୁନିଆକୁ ଦେଖିବୁ । ଏବେ ତ ସେମାନଙ୍କୁ ସ୍ମାର୍ଟଫୋନ୍ କବଳରୁ ମୁକ୍ତ କରିବାକୁ ଆମକୁ ଯୁଦ୍ଧ କରିବାକୁ ପଡୁଛି। ଅଥଚ ତୁମେମାନେ ତ ଆମକୁ ଚୁଲିମୁଣ୍ଡରେ ହିଁ ପ୍ରାଥମିକ ଶିକ୍ଷା ପ୍ରଦାନ କରି ଦେଉଥିଲ । ଆଉ ଜମିବାଡିରୁ ଆମେ ପାଇବୁ କ'ଣ ? ସେଥିରୁ କ'ଣ ଆମ ପେଟ ପୁରିବ ନା ସମ୍ମାନ ବଞ୍ଚିବ । ଆଉ ଗୁରୁଜନଙ୍କ ସେବାର ସଂଜ୍ଞା ବଦଳିଛି । ମନରେ ଇଚ୍ଛାଶକ୍ତି ଓ ଆଗ୍ରହ ଥିଲେ ସେବା ହୁଏ କାରଣ ସେବା ପରମ୍ପରାର ଦାସ ନୁହେଁ ବରଂ ଜନ୍ମଗତ ସଂସ୍କାର ।

ତମେ ବି ଗୃହିଣୀ ଥିଲ ଆମେ ବି ଗୃହିଣୀ ଅଛୁ । ଫରକଟା ସମୟ କରିଛି ଆମେ କରିନୁ । ବରଂ ଆମେ ଯଦି ଯୁଗ ସାଥିରେ ତାଳ ଦେଇ ନଚାଲିବୁ ତେବେ ଆମେ ପଛୁଆ ହୋଇଯିବୁ । ଦେଶର ଦୃତ ଜନସଂଖ୍ୟା ବୃଦ୍ଧିରେ ଆମେ ଯଦି ଦୁଇଟିରୁ ଅଧିକା ପିଲା ଜନ୍ମ କରିବୁ ତେବେ ଆମେ ସମଗ୍ର ଦେଶର ଅପକାର କରିବୁ । କିନ୍ତୁ ଆମେ ତୁମମାନଙ୍କୁ ଅସ୍ୱୀକାର କରୁନାହୁଁ । ତୁମମାନଙ୍କ ପରି ଧୈର୍ଯ୍ୟ, ସହନଶୀଳତା ଏବଂ ଅପ୍ରାପ୍ତିରେ ପ୍ରାପ୍ତିର ସୁଖ ପାଉଥିବା ପରି ହୃଦୟ ଏବେ ମିଳିବା କଷ୍ଟକର ନୁହେଁ କଠିନ ମଧ୍ୟ । କିନ୍ତୁ ଆମେ ଯେ ଚାହିଁଲେ ବି ପଛକୁ ଫେରି ପାରିବୁନି ତେଣୁ ଆମେ ତୁମର ସୁଗୁଣକୁ ଶିଖିବାକୁ ଚାହିଁବୁ ଏବଂ ତୁମେ ମଧ୍ୟ ଆମକୁ ଗ୍ରହଣ କରିନେବ । ଆମ ପାଖରେ ଓ ମୁଣ୍ଡ ଉପରେ ବରଗଛର ଛାଇ ପରି ସୁଶୀତଳ ଛାୟା ପ୍ରଦାନ କରିବ । ତେବେ ଯାଇ ସୁସଂହତି ଓ ନୂତନ ଯୁଗର ନୂତନ ବାର୍ତ୍ତାରେ ସମଗ୍ର ସମାଜ କମ୍ପିତ ହେବ ।

ତେବେ ପରିବର୍ତ୍ତନର ଆଲୋକିତ ଅଂଶକୁ ନ ଦେଖିପାରି ମନୁଷ୍ୟ ବିଭ୍ରମ ହୋଇଥାଏ । ନିଜକୁ ମହାନ୍ ଆସନରେ ଦେଖିବାର ଇଚ୍ଛାଟି ମନୁଷ୍ୟକୁ ଅନ୍ୟ ପାଖରେ ଛୋଟ କରିଦିଏ । ଯଦିଓ ସେ ବୟସରେ ଓ ମାନ୍ୟରେ ବଡ଼ ହୋଇଥାଇପାରେ । ସ୍ୱତପବୃତଃ ଭାବେ ଆସିଥିବା ସଂସ୍କାର ଝରଣାର କୁଳୁକୁଳୁ ନାଦ ଭଳି ବୋହିଆସେ ଯାହା ପବିତ୍ର ଓ ପରିଷ୍କାର ହୋଇଥାଏ । ମାତ୍ର ନିଜକୁ ସଂସ୍କାରୀ ଓ ଧର୍ମପରାୟଣ ଦେଖେଇବା ପାଇଁ କରାଯାଉଥିବା କାର୍ଯ୍ୟଗୁଡିକ ଅଭ୍ୟାସ ଅଟେ । ଅଭ୍ୟାସଟି ସର୍ବଦା ସିଦ୍ଧି ହେବ ତା'ର କିଛି ମାନେ ନଥାଏ । ବର୍ତ୍ତମାନ ପିଲାଠାରୁ ବୁଢ଼ାଯାଏ ଏଇ ଅଭ୍ୟାସ ଗୁଡ଼ିକୁ ବିଜ୍ଞାପନ ପରି କରିବା ପାଇଁ ଲାଳାୟିତ । କାରଣ ଏଇଟା ହିଁ ହେଉଛି ସବୁଠାରୁ ବଡ଼କାମ । ବାସ୍ତବିକ ନିଜକୁ ଭଲ ଦେଖେଇବା ପାଇଁ କରୁଥିବା କାର୍ଯ୍ୟ ବଡ଼ ନା ନୀରବରେ ଭଲକାମ କରିବା ବଡ଼ ଠିକ୍ ସେହିପରି ସହନଶୀଳତା ବଡ଼ ନା ଭଲପାଇବା ବଡ଼ !

ଆମେ ଯଦି ଆଲୁଅକୁ ବନ୍ଦ କରି ଲଣ୍ଠନ ଜାଳିବୁ ଫୋନ୍ ନ କରି ଚିଠି ଦେବୁ ଓ ଦୂର ଦୂରାନ୍ତକୁ ପାଦରେ ଚାଲି ଚାଲି ଯିବୁ ତୁମେ କ'ଣ ଖୁସି ହେବ ?ଅବଶ୍ୟ ନିଜକୁ ଫିଟ୍ ରଖିବା ପାଇଁ ଆମେ ବ୍ୟାୟାମ କରିବା ଆବଶ୍ୟକ ଯାହା ଆମ ଶରୀରକୁ ସୁସ୍ଥ ରଖିବ । ତେଣୁ ସବୁକାମ ମେସିନ୍‌କୁ ନ ଦେଇ ନିଜ ଶରୀରର ସୁସ୍ଥତା ନିମିତ୍ତ କିଛି କାର୍ଯ୍ୟ କରିବା ନିତାନ୍ତ ଜରୁରୀ ଏବଂ ଜୀବନକୁ କେବଳ ଉପଭୋଗ ନ ଭାବି ତା'ର ବାସ୍ତବତାକୁ ହୃଦୟଙ୍ଗମ କରି ନିଜର ପରପୀଢ଼ିକୁ ମଧ୍ୟ ସୁଶିକ୍ଷା ଦେବା ଆବଶ୍ୟକ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Manchesware Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଆଲୋକ ଗୀତି

**ଲତିକା ବିଳାସ**

ମନ ତଳେ ଯେତେ କ୍ଷତର କ୍ଷରଣ ମନ ତଳେ ଶୁଖିଯାଉ ,
ଆଖିର ସାହାରା ଖୋଜିଲେ ନୀରବେ, ନିକାଞ୍ଚନେ ବହିଯାଉ ।।
ଏମିତିରେ ଏଠି ଲୁଣି ଜଳ ଭାଗ ଶତକଡା ସତାନବେ ,
ମଧୁରଜଳର ମଧୁମେଖଳାରେ କେତେ ପ୍ରଶ୍ନବାଚୀ ଏବେ ।।



ପ୍ରହେଳିକା ସମ ମନେହୁଏ ଯେତେ ଆପଣାପଣର ରଙ୍ଗ ,
ଅନ୍ଧାର ଆଗମେ ସର୍ବପ୍ରଥମେ ତ ଛାୟା ଛାଡିଦିଏ ସଙ୍ଗ ।।
ଦେହ ଦାହ ସବୁ ନିଜର କେଉଁଠି ମୁକୁଳିତ କଲେ କ୍ଷତ,
ଚୂନ, ଲବଣରେ ଅଭିଷେକ ପାଇଁ ଲମ୍ବିଆସେ ଲକ୍ଷେ ହାତ ॥

ତଥାପି ନୀରବେ କଣ୍ଟାଘାତ ସହି ସୁବାସ ବାଣ୍ଟୁଛି ପୁଷ୍ପ ,
ମେଘମନା ହୋଇ ପ୍ରତି ମୂହୁର୍ତ୍ତରେ ଜଳ ଫୁଟି ହୁଏ ବାଷ୍ପ ।।
ସବୁ ନଇ କେବେ ସାଗର ଛୁଏଁନି କିଛି ମରି ହଜି ଯାଏ ,
କେଉଁ ମାଟି କେତେ କିରଣ ଲଭିବ ଅକ୍ଷାଂଶ ଦ୍ରାଘିମା କହେ ।।

ମୁଗ୍ଧ ଆଲୋକର ତଳେ ଥାଏ କେତେ ଦଗ୍ଧ ହୃଦୟର ଗୀତି,
ସଂକଳ୍ପ ସାଧନା ଥିଲେ ସିନା ପ୍ୟୁପା ପାଲଟଇ ପ୍ରଜାପତି ।।

ଭଟଲି ଛକ, ବରଗଡ଼

# ଜୀବନ ସନ୍ଧାନ

**ନାରାୟଣ ପ୍ରସାଦ ରାଉଳ**

ସମୟର ଗତି, ମୋହ ମାୟାରୁ ମୁକ୍ତି, ଏଇତ ଚିରାଚରିତ,
କିଏ ଅବା ଅଟକେଇ ପାରିବ
ଅଫେରନ୍ତି ଯାତ୍ରା, ଦେଇପାରିବ
ଅବୁଝା ମନକୁ ସନ୍ୟାସର ରାସ୍ତା,
ମନକୁ ଲଗାମ ଦବାର ସାଧନା,
ଇନ୍ଦ୍ରିୟକୁ ପୋଷା ମନେଇବାର ଦୃଢ଼ ସଂକଳ୍ପ,
ଏମିତିରେ ଲୋଭମାନେ ଜୀବନରେ
ସବୁ ଲାଭ ପାଇବା ପରେ ବି
ହୁଅନ୍ତି ବେକାବୁ ବେଘର।

ବେଳେବେଳେ ଅସରନ୍ତି ଅବର୍ଣ୍ଣନୀୟ ଆଶାମାନେ
ପ୍ରାପ୍ତିର ଅସୁମାରି
ନିସୀମ ଆକଶଠୁ ବି ବିଶାଳ ଦେଖାଯାନ୍ତି,
ସାଥିରେ ଥାଇ ଅସହଜ କରନ୍ତି ଯାତ୍ରାପଥ,
ଅବାଟକୁ ବାଟ ବୋଲି ଭାବୁଥିବା
ବିଚରା କ୍ଷଣ ଭଙ୍ଗୁର ଜୀବନଟିଏ
ଅସହାୟରେ ଆଉଟି ପାଉଟି ହଉଥାଏ ।

କୁଳ କିନାରା ନ ଥିବା ବେସାହାରା
ପଥିକଟିଏ ରାସ୍ତା ହୁଡେ,
ଅମାପ ଜଡବାଦକୁ ଆପଣେଇ ବି
ପ୍ରାପ୍ତି ହୁଏ ଅବୁଝା ଆଉ ଅପହଞ୍ଚ,
ଏମାନେ ସତରେ
ଗୋଟେ ଗୋଟେ ଅସହଜ
ପ୍ରତିବନ୍ଧକ ଜୀବନ ଚଲାପଥର ।

ପ୍ରିୟ ପରିଜନ ଦୁରେଇ ଯାଆନ୍ତି
ସ୍ୱାର୍ଥାନ୍ଧ ମନଠୁ,
କେବେ ଯୋଡି ହୁଅନ୍ତି
ସମଜାତି ଅନ୍ଧ ବିଚାରରେ,
ପର କି ନିଜର ଫରକ ପଡେନି
ଦିନ କିନ୍ତୁ ସରି ଆସୁଥାଏ,
ଭାବନା ଦ୍ୱାରର ନିକିତି ନ ଥାଏ ,
କ'ଣ ବା ଗ୍ୟାରେଣ୍ଟି ଦେଇ ଛାଡିଯିବ
ଆଗାମୀ ନିର୍ବିଘ୍ନ ପ୍ରାରବ୍ଧକୁ !

ବନ୍ଦ ହୋଇ ଆସୁଥାଏ,
ତମାମ ଜୀବନ ଅବାସ୍ତବ
ପଛରେ ଧାଇଁ ଧାଇଁ
ପୁରୁଷ ପଣିଆ ହୁଏ ନିଲାମ
ଦାଣ୍ଡ ଘାଟରେ,
ପ୍ରତିବାଦର ସ୍ୱର ମାନେ ନୀରବି
ଯାଉଥାନ୍ତି, ଜନ୍ମ ହୁଏ ନିରର୍ଥକ ।

ଆତ୍ମୀୟ ସ୍ୱଜନ ପାପ ପୁଣ୍ୟର
ଭାଗୀଦାର ହୁଅନ୍ତିନି, ଅବାସ୍ତବ
ସ୍ୱପ୍ନ ପରୀମାନଙ୍କ ପ୍ରେମରେ ବାନ୍ଧିହୋଇ
ପରିଚୟ ଭୁଲି ଯାଏ ଆପଣାର,
କ'ଣ ଅବା ଖୋଜିବ ଭାବି ଭାବି
ସରି ଆସୁଥାଏ ବିଧାତାର ଦାନ,
ଝଡ଼ି ଯାଉଥାନ୍ତି କର୍ମ ମାଳର ଗୋଟି ସବୁ,
ମିଶାଣ ଫେଡାଣକୁ ଡର ବି ନ ଥାଏ।

କାଞ୍ଚନ ଅବା କାମିନୀ ପିପାସୁ ମନର ଅସଲ ଦର୍ଶନଘର
ଦରଜା ଧିରେ ଧିରେ

କଷଣଅଣ୍ଟା, ପଟ୍ଟାମୁଣ୍ଡାଇ,
କେନ୍ଦ୍ରପଡା

# ମଙ୍ଗଳାଚରଣ

**ଡ. ଦୀପକ କୁମାର ମିଶ୍ର**

ଦୀର୍ଘ ଚେତନାର ବହୁ ଉର୍ଦ୍ଧ୍ୱରେ ଉତ୍ତରୀୟଟିଏ ଟାଣି
ମେଘ ସବାରୀରେ ତାରାଫୁଲ ମେଳେ ଜ୍ୟୋତିରାଜି ବୁଣି ବୁଣି
ପିଆସୀ ରାତିର ମଧୁ ପିଆଲାରେ ମତୁଆଲା ହୋଇ ତୁମେ
ଆସନ୍ତନି ଏହି ଅଶାନ୍ତ ଋତୁରେ ମିଶିବାକୁ ପ୍ରେମେ ପ୍ରେମେ ।

ସମ୍ପର୍କର ଖାସ୍ ଖିଆଲି ସମୟ ଚାଲିଯିବ ଚାହୁଁ ଚାହୁଁ
ଏତେ ଆନମନା କାହିଁ ଗୋ ସଜନୀ ଶୁଭୁ ଟିକେ କୁହୁକୁହୁ
କୋଣାରକ କୋଣେ ଶୈଳ ଛାତିରେ ରୁନ୍ଧି ହୋଇ କିମ୍ବା ରୁହ
ଜିଅନ୍ତା ମନ୍ଦିରେ ବିରାଜମାନକୁ କାହିଁ ହତାଦର କୁହ ।

ଛାନ୍ଦ ଚାନ୍ଦୁଆରେ ଚଇତି ତୋରଣେ ସଞ୍ଚିତମ୍ଭୁ ବୋଲି ବୋଲି
ବେଦନାବେଦୀରେ ନୈବେଦ୍ୟ ଯାଚନା ତୁମ ପାଇଁ କରେ ଖୋଲି
ମନମନ୍ତ୍ର ଗାଇ ହୃଦୟତନ୍ତ୍ରୀକୁ ଥରାଇ ଦିଅ ଗୋ ଆସି
ଆକାଶୁ ଖସଇ କ୍ଷିପ୍ର ଗତିରେ ପ୍ରିତୀମଗ୍ନା ହୋଇ ନିଶି ।

ମାଟିର କାନ୍ଥରେ ଅଝଟ ଝୋଟିର ପ୍ରୀତିଚିତ୍ରଟିଏ ଆଙ୍କି
ଗାଲିଚା ବିଛେଇ ଅନେଇଚି ସଖି ! ତୁମେ ଆସିବାକୁ ବାକି ।

ଭୁବନେଶ୍ୱର, ମୋ-୮୨୮୦୨୧୧୦୦୦

# ଜୀବନର ସାର

**ପ୍ରଶାନ୍ତ ବ୍ରହ୍ମା**

ଜୀବନରେ ଯେତେ ଆସୁ ଦୁଃଖ ସୁଖ
ସହନ କରିବୁ ବାବା
ବୃକ୍ଷେ ହେଉ ଅବା ପର୍ବତେ ବଞ୍ଚିବୁ
ଅନ୍ୟ କାହାପାଇଁ ଅବା।

ଅନ୍ୟ ଉପକାର ନିମିତ୍ତ ମାତର
ହେଉଥିବୁ ଏହି ମତେ
ଆହାର ଗ୍ରହଣ କରିବୁ ବାବୁରେ
ପ୍ରାଣରକ୍ଷାର ନିମିତ୍ତେ।

ଗ୍ରହଣ କରିବୁ ଭଲକଥା ସବୁ
ଲିପ୍ତ ନୋହିବୁ କାହିଁ
ମଧୁର ବଚନ କହିଣ ସଭିଙ୍କୁ
ମନ ନେଉଥିବୁ ମୋହି ।

ଦେହଠାରୁ ଆତ୍ମା ପାର୍ଥକ୍ୟ ଜାଣିଲେ
ଚିହ୍ନିବୁ ସଂସାର ତେବେ
ଅତ୍ୟଧିକ ସ୍ନେହ କରିବୁ ନାହିଁ ତୁ
ମାନିବେ ନାହିଁ ସେ କେବେ।

ଗ୍ରହଣ କରିବୁ କେତେକ ବିଷୟ
ଆବଶ୍ୟକ ଅନୁସାରେ
ଯୋଗ୍ୟତା ଦେଖିଣ ଦାନ ତୁ କରିବୁ
ସଦା ଆନନ୍ଦ ମନରେ ।

ସନ୍ତୁଷ୍ଟ ହୋଇବୁ ଆହାରରେ ସଦା
ଯେଉଁଠି ଯେପରି ମିଳେ
ସର୍ବଦା ପ୍ରସନ୍ନ ସବୁଠି ରହିବୁ
ବିକ୍ଷୁବ୍ଧ ନହେବୁ ତୁ ହେଲେ ।

ଚୋରିନାରୀ ଲୋଭ କେବେ ନ କରିବୁ
ଇନ୍ଦ୍ରିୟ ସୁଖ ପାଇଁ
କାଷ୍ଠ ପାଷାଣ କି ମୂର୍ତ୍ତିକା ନାରୀକୁ
ସ୍ପର୍ଶ କରିବୁ ନାହିଁ ।

ଶାସ୍ତ୍ରରୁ ସାର ଯେ ସଂଗ୍ରହ କରିବୁ



ନ କରିବୁ କେବେ ହେଳା
ସମ୍ମାନ ସହିତ ସଂସାରେ ବଞ୍ଚିବୁ
ନହେଲେ ବୁଡିବ ଭେଳା।

ଜୀବନରେ ଜିହ୍ୱା ଆଶା ନ ରଖିଣ
ଦମନ ସଦା କରିବୁ
ଧନର ଲୋଭକୁ ନରଖି ଜୀବନେ
ସମ୍ମାନରେ ଯେ ବଞ୍ଚିଥିବୁ ।

ମାନ ଅପମାନୁଁ ରହିବୁ ଉର୍ଦ୍ଧ୍ୱରେ
ଆତ୍ମାନନ୍ଦରେ ବଞ୍ଚି
ଏକାନ୍ତେ ବସିଣ ଉଚିତ ଭାବିଲେ
ସାରାଂଶ ପାରିବୁ ସଞ୍ଚି ।

ଆସନକୁ ଶୁଦ୍ଧି ଆଚମନ କରି
ନିଶ୍ୱାସକୁ ଯେ ଜିଣିବୁ
ବଇରାଗ ଲାଭ ପ୍ରାପ୍ତି ଯେବେ ହେବୁ
ପରମାତ୍ମାଙ୍କୁ ଦେଖିବୁ।

ଏକାକୀ ରହିବୁ ଅଳପ କହିବୁ
ଗୁମ୍ଫା ରେ ବାସ କରିବୁ
ଈଶ୍ୱର ଚିନ୍ତନ କରୁଥିବୁ ସଦା
ବୈକୁଣ୍ଠ ପ୍ରାପ୍ତି ଯେ ହେବୁ।

ଈଶ୍ୱରଙ୍କ ଶକ୍ତି ଅଛିତ ନିଶ୍ଚିତ
ଏକଥା ଗୋଟିକ ସତ୍ୟ
ଈଶ୍ୱରଙ୍କ ବିନା ଆଉ ସବୁ ମିଥ୍ୟା
ଏହା ଭାଗବତ ତଥ୍ୟ।

ପଳାଶପୁର,
ଖୋର୍ଦ୍ଧା।

# ଅସରାଏ ବର୍ଷା ଯାଇଚି ତ'

**ସତ୍ୟନାରାୟଣ ଗନ୍ତାୟତ**

ଅସରାଏ ବର୍ଷି ଯାଇଚି ତ' !
ଆମ ପୋର୍ଟିକୋ ତଳରେ
ସତେ ଅବା ବିଛା ହୋଇ ଯାଇଚି
ଓଦା ଓଦା ଘାସର ଗାଲିଚା
ଆସ, ଚାଲିବା ଏଇଠି
ଖାଲି ପାଦକୁ ଆମ ଓଦା କରିବା
ସକାଳ ବୁଲାରେ !!

କେବେ ସିନା ଚାଲୁଥିଲେ
ମାଟି ବାଲି କାଦୁଅରେ ପଚପଚ
ଆମ କଲୋନୀ ସାମ୍ନାରେ
ସେବେକର କଚ୍ଚା ରାସ୍ତାରେ
ଏବେ ସେ ଯେ କଂକ୍ରିଟ ରାସ୍ତାଟେ
ଦେଖ, ନିର୍ବେଦ ହୋଇ
ପଡି ରହିଛି କେମିତି
ଅସରାଏ ବର୍ଷି ଯିବା ପରେ ବି !

କହିଲ, ଆମେ କ'ଣ ଭାବି ଥିଲେ
କେବେ ଦିନେ ଏଇମିତି
ମତୁଆଲା କରିଦେବ ବୋଲି

ମହମହ କଦମ୍ବ ଫୁଲର ବାସ୍ନା
ଅସରାଏ ବର୍ଷା ପରେ
ଘେରାଏ ଘୁରି ଆସିଲେ
ଆମ ଏଇ ବଗିଚାରେ ?

ଲାଗୁଚି କୃଷ୍ଣକଳା ନିଶ୍ଚେ
ଛପାଇ ରଖିଥିଲା
ଅତି ସଂଗୋପନେ, ତା' ନିଜ ଭିତରେ
ବିଚରା ସେ ଅଲେଖ ମାଳି
କଦମ୍ବର ଚାରାଟିକୁ
ଯିଏ ରୋପିଥିଲା
ସୁଦୂର ଅତୀତରେ ତା' ନିଜ ଇଚ୍ଛାରେ
ଆମ ଏଇ ବଙ୍ଗଳା ହତାରେ !!

ଏଇନେ ବାହାରର ବର୍ଷା
ଆମ ପାଇଁ ସିନା ଲାଗେ ଘନଘୋର !



ହେଲେ ଆମ ଘର ପରିସରେ
ଦେଖ, ବର୍ଷା କେମିତି ରିମଝିମ୍ ବର୍ଷିଯାଏ
ମନ ପ୍ରାଣ ଆମ ଓଦା କରି
ଲାଗେ କେତେ ମନ୍ଦ୍ର ଓ ମଧୁର !
ଅସରାଏ ବର୍ଷି ଯାଇଚି ତ' !

'ସୁହାସିତମ୍', କସ୍ତୁରୀ ନଗର, ରାୟଗଡା,
୭୬୫୦୦୧
ମୋ-୯୪୩୭୯୦୯୬୭୫

# ସବୁ ବଦଳିଗଲା

**ଶରତ କୁମାର ଦାସ**

ପବନ ଦୋହଲିଗଲା
ପାଣି ବି ଚହଲିଗଲା
ଖଣ୍ଡେ କଳାଛାଇ ଗିଳିଦେଲା ସୂର୍ଯ୍ୟଙ୍କୁ
ଅନ୍ଧାର ଦିଶିଲା ଚଉଦିଗ
ଲାଜକୁଳୀ ଲତା ପରି
ନଇଁନଇଁ ସଂଜ ମାଟିକୁ ଛୁଇଁବା ଆଗରୁ
ଅବେଳରେ ରାତି ଢାଙ୍କିଦେଲା ।

ବିଶ୍ୱାସର ସାହାନାଇ ଶୁଭିଲା ଅସ୍ପଷ୍ଟ
ମୁଁଠାରୁ ମୁଁ'ର ଦୂରତ୍ୱ
ଲମ୍ବିଗଲା ଦୂରକୁ ଦୂରକୁ
ଛଳନାର ଖୋଳପା ଭିତରେ
ହଜିଲା ବିବେକ, ଲିଭିଲା ସ୍ୱାଭିମାନ
ହସିଲା ଉଇହୁଙ୍କା ଆକାଶକୁ ମୁଣ୍ଡ ଟେକି
ସଁସଁ ଗର୍ଜୁଥିବା ବିଷାକ୍ତ ସର୍ପମାନେ
ଦଂଶିଲେ ବାରମ୍ବାର ମାଟିର ଫୁଙ୍ଗୁଳା ଛାତିକୁ ।

ଝରିଲା ଆଗ୍ନେୟଗିରିରୁ ଲାର୍ଭା
କ୍ଷତରୁ ଖସିଲା ରକ୍ତ
ଝାଞ୍ଜିପିଟା ବୈଶାଖର ଧୂଧୂ ତାତି
ଦିହକୁ ଛୁଇଁଲା ।

ବିଶ୍ୱାସ ଓ ଅବିଶ୍ୱାସର ପଶାପାଲି
ଗଡ଼ିଲା ବାରବାର
ଜମିଲା ଛାଇ-ଆଲୁଅର ଖେଳ;
ଛେଳି ଉପରେ ବାଘ
ପୁଣି କେତେବେଳେ
ବାଘ ଉପରେ ଛେଳି ସବାର ହେଲା ।

ଶୁଭିଲା ନାରାବାଜୀ କମ୍ପିଲା ବସୁଧା
ଧାଁଧଉଡ ପୋଡ଼ାଜଳା
ହିଂସ୍ର ଆଚରଣ ତଳେ
ସବୁ ବଦଳିଗଲା
ବଦଳିଗଲା ନୀତିନୈତିକତା
ବଦଳିଗଲା ବି ଉଚ୍ଚାରଣ, ବେଶଭୂଷା
ନ୍ୟାୟ ପାଇଁ ଲଢୁଲଢୁ ସଗର୍ବେ
ଉଡ଼ିଲା ଫରଫର ଅନ୍ୟାୟର ଧ୍ୱଜା ।



ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# 'ଅଭିବ୍ୟକ୍ତି'

**ପୂରବୀ ଶତପଥୀ**

ତୁମେମାନେ ଗଢ଼ିପାର ଗୋଟେ
ଲମ୍ବା ନିଶୁଣୀ: ସ୍ୱର୍ଗକୁ

ହୁଙ୍କା ଭିତରେ ଉଇମାନଙ୍କୁ ଉସ୍କେଇ ପାର
ମାଟିର ଅନ୍ଧାର ଭିତରେ ଅଛି
ସ୍ୱର୍ଗ ଯାଏ ପହଞ୍ଚିବାର ରାସ୍ତା
ବିରାଟବିରାଟ ହୁଙ୍କାର କାନ୍ଥ ତଳେ
ଆବଦ୍ଧ କରି ରଖିପାର ଅଗଣିତ ଉଇଙ୍କୁ

ଅଥଚ ଯେଉଁଦିନ ଆକାଶରୁ ଏ କଳାବାଦଲ ଫାଟିଯିବ
ବିଜୁଳି ଚମକି ଉଠିବ
କାନ୍ଥସବୁ ଚଡ଼କି ଉଠିବ
ସେଇ ସବୁ ଫାଙ୍କ ଦେଇ ଉଜ୍ଜଳ ଆଲୋକ
ପଶି ଆସିବ ଉଇମାନଙ୍କ ଘରକୁ....

ତାପରେ ବି କଣ ତୁମେ
ସେମାନଙ୍କୁ ଅନ୍ଧାର ହିଁ ସବୁକିଛି ବୋଲି କହି
ବାନ୍ଧି ରଖିପାରିବ ଦେହଭିତରେ
ଆଲୋକର ଯେଉଁ ନୀଳାଭ ଶିଖାଟି ଜଳିଉଠିବ
ଆତ୍ମାର ପତଙ୍ଗଟି
ସେ ଆଡକୁ କ'ଣ ନ ଯାଇ ରହିପାରିବ ?

ହଁ ତୁମେ ହୁଏତ ଛିଣ୍ଡେଇ ଦେବ
ତାର ଗଜୁରିଥିବା କଅଁଳ ପକ୍ଷ
ତଥାପି
ଲେଲିହାନ ଶିଖା ପର୍ଯ୍ୟନ୍ତ
ଘୁଷୁରି ଯାଇ ସେଥିରେ ଝାସ ଦେବାକୁ, ଲୀନ ହେବାକୁ
ତମେ ଆଉ କ'ଣ ତାର ସୂକ୍ଷ୍ମ ଚେତନାକୁ
ରୋକି ପାରିବ କି ?

ଆତ୍ମାର ତ ନଥାଏ ଦେହ !
ନୀଳନିର୍ବାଣ ହିଁ ତାର ମୁକ୍ତି ଓ ଅଭିବ୍ୟକ୍ତି
ମୋତେ କହିବାକୁ ଥିଲା ବାସ୍ ଏତିକି ।



ରାସୋଳ, ଢେଙ୍କାନାଳ
ମୋ-୮୮୪୭୮୨୫୬୮୮

# ମୁଁ ଜହ୍ନ ମୋର କଳଙ୍କ ଛାଇ

**ଡ.ରଶ୍ମି ଦାସ**

ମୁଁ ଜହ୍ନ ମୋର କଳଙ୍କ ଛାଇରେ ତୁମ ଛବି ଦେଖାଯାଏ
ମୁଁ ନିଦ ମୋର ସପନ ଛବିରେ ତୁମ ରୂପ ଆଙ୍କିହୁଏ
ତୁମେ ବାରିଦ ମୋ ମେଘ ପଣତରେ ଝିରିଝିରି ଆସ ଝରି,
ମୁଁ ଫଗୁଣ ମୋ ରଙ୍ଗ ପସରାରେ ତୁମ ରୂପ ଉଠେ ଝଳି
ଶ୍ରାବଣୀ ମୁଁ ତୁମ ଶ୍ରାବଣ ଧାରାରେ ଅବାରିତ ଝରୁଥାଏ
ମୁଁ ଜହ୍ନ ମୋର କଳଙ୍କ ଛାଇରେ ...।୦।

ମୁଁ ଚପଳାର ଝଟକ ଆଲୋକ ତୁମେ ବିଚ୍ଛୁରିତ ଧାରା,
ମୁଁ ଫୁଲରେଣୁ ତୁମେ ମୋ ପରାଗ ମିଳନ ମହକ ଧରା,
ତୁମ ବନ୍ଧନରେ ଅନୁବନ୍ଧିତ ମୁଁ ଅନୁରାଗେ ଅନୁଭବେ,
ତୁମେ ଦେହ ମୁହିଁ ଛାଇଟିଏ ସଦା ଅନୁସରି ସୁଖଲଭେ,
ମୁଁ ଜହ୍ନ ମୋର କଳଙ୍କ ଛାଇରେ...।୧।

ମୁଁ ବେଳାଭୂମି ପାଦଚିହ୍ନ ତୁମ ହୃଦୟରେ ଥାଏ ବହି,
ପ୍ରେମ ପ୍ରତୀକ କୂଳରେ ଲେଖିଲି ଲହରି ସାଙ୍ଗରେ ଖେଳି,
ବାଦଲ ଗୋ ତୁମେ ଆକାଶ ଛାତିରେ କଳାମେଘି ମୁହିଁ ଝରେ
ମୋ ଦେହ ଅର୍ପଣେ ପ୍ରାଣ ସତ୍ତା ଆଗୋ ପ୍ରେମ ବାରି ଲଭୁଥାଏ।

ପ୍ଲଟ-୬୬୭/୫୭୦୧ ପଟିଆ, ଭୁବନେଶ୍ୱର

# ଓଭାଲ୍‌ରେ ୪୭ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଲେ ଶୁଭମନ୍ ଗିଲ୍



**ଓଭାଲ**

ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ରନ୍ ବର୍ଷା କରିବା ସହ ଅନେକ ରେକର୍ଡ ଭାଙ୍ଗିଛନ୍ତି । ଓଭାଲ୍ ଟେଷ୍ଟର ପ୍ରଥମ ଦିନରେ ଶୁଭମନ ଗିଲ୍ ପୁଣି ଏକ ରେକର୍ଡ ଭାଙ୍ଗିଛନ୍ତି । ଗିଲ୍ ଓଭାଲ ଟେଷ୍ଟର ପ୍ରଥମ ଇନିଂସରେ ଦୁଇ କିମ୍ବଦନ୍ତୀ ବ୍ୟାଟର୍ ଗ୍ୟାରି ସୋବର୍ସ ଓ ସୁନୀଲ ଗାଭାସ୍କରଙ୍କୁ ପଛରେ ପକାଇଛନ୍ତି । ଓଭାଲ୍ ପିଚ୍‌ରେ ଦୁଇ ରନ୍ କରିବା ସହ ଗ୍ୟାରି ସୋବର୍ସଙ୍କୁ ପଛରେ ପକାଇଥିଲେ । ୧୧ ରନ୍ କରିବା ସହ ଏକ ବିରଳ ଉପଲବ୍ଧିରେ ଭାରତର ଏକ ନମ୍ବର ଅଧିନାୟକ ହୋଇଛନ୍ତି ।

ଶୁଭମନ୍ ଗିଲ୍ ଗୁରୁବାର ୧୧ ରନ୍ କରିବା ସହ ଗୋଟିଏ ଟେଷ୍ଟ ସିରିଜ୍‌ରେ ଅଧିନାୟକ ଭାବେ ସବୁଠୁ ଅଧିକ ରନ୍ କରିଥିବା ଭାରତୀୟ ଖେଳାଳି ହୋଇଛନ୍ତି । ସୁନୀଲ ଗାଭାସ୍କର ୧୯୭୮-୭୯ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୭୩୨ ରନ୍ କରିଥିଲେ । କେବଳ ଏତିକି ନୁହେଁ ହିଲ୍ ସେନା (ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ) ଦେଶରେ ଗୋଟିଏ ସିରିଜରେ ସର୍ବାଧିକ ରନ୍ କରିଥିବା କ୍ୟାପ୍ଟେନର ଗୌରବ ଅର୍ଜନ କରିଛନ୍ତି ।

ଶୁଭମନ୍ ଗିଲଙ୍କ ନଜର ଏବେ ଦୁଇଟି ରେକର୍ଡ ଉପରେ ଅଛି । ସୁନୀଲ ଗାଭାସ୍କର ଗୋଟିଏ ସିରିଜରେ ୭୭୪ ରନ୍ କରିଥିଲେ, ଏବେ ଶୁଭମନ୍ ଗିଲ୍ ଏହାଠାରୁ ବହୁ ପଛରେ ନାହାନ୍ତି । ଗିଲ୍ ଯଦି ୮୧୧ ରନ୍ କରନ୍ତି, ତେବେ ସେ ଡନ୍ ବ୍ରାଡ୍‌ମ୍ୟାନଙ୍କ ରେକର୍ଡ ଭାଙ୍ଗିଦେବେ । ଗୋଟିଏ ସିରିଜ୍‌ରେ ଇଂଲଣ୍ଡରେ ସବୁଠୁ ଅଧିକ ରନ୍ କରିବାର ରେକର୍ଡ ବ୍ରାଡ୍‌ମ୍ୟାନଙ୍କ ନାଁରେ ରହିଛି । ଏହି ରେକର୍ଡ ଗତ ୯୦ ବର୍ଷ ଧରି ଅତୁଟ ରହିଛି ।

# ଟିମ୍ ଇଣ୍ଡିଆର ଉପଅଧିନାୟକ ହେଲେ କେଏଲ ରାହୁଲ

**ଓଭାଲ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଲଣ୍ଡନର ଐତିହାସିକ ଓଭାଲ କ୍ରିକେଟ ଗ୍ରାଉଣ୍ଡରେ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି । ଏହି ଶେଷ ମ୍ୟାଚ୍ ପାଇଁ ଭାରତୀୟ ଦଳ ଏହାର ପ୍ଲେଇଂ ୧୧ରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି ଏବଂ ଜଣେ ନୂତନ ଉପ-ଅଧିନାୟକଙ୍କ ନାମ ମଧ୍ୟ ଘୋଷଣା କରିଛି । ପ୍ରକୃତରେ ଭାରତୀୟ ଟେଷ୍ଟ ଦଳର ଉପ-ଅଧିନାୟକ ଥିବା ଷ୍ଟାର ଉଇକେଟକିପର-ବ୍ୟାଟସମ୍ୟାନ ରିଷଭ ପନ୍ତ ଆଘାତ ଯୋଗୁଁ ଏହି ମ୍ୟାଚ୍‌ରୁ ବାହାରେ ଅଛନ୍ତି । ତାଙ୍କ ସ୍ଥାନରେ ଜଣେ ବ୍ୟାଟ୍‌ସମ୍ୟାନଙ୍କୁ ଏହି ବଡ଼ ଦାୟିତ୍ୱ ମିଳିଛି ।



ଭାରତୀୟ ମ୍ୟାନେଜମେଣ୍ଟ ଏହି ମ୍ୟାଚ୍ ପାଇଁ କେଏଲ ରାହୁଲଙ୍କୁ ଟିମ୍ ଇଣ୍ଡିଆର ଉପ-ଅଧିନାୟକ କରିଛି । କେଏଲ ରାହୁଲଙ୍କୁ ଉପ-ଅଧିନାୟକ କରିବାର ନିଷ୍ପତ୍ତି ତାଙ୍କ ଅଭିଜ୍ଞତା ଏବଂ ଫର୍ମକୁ ଦୃଷ୍ଟିରେ ନିଆଯାଇଛି । ରାହୁଲଙ୍କ ପାଖରେ ଅଧିନାୟକତ୍ୱର ଅଭିଜ୍ଞତା ମଧ୍ୟ ଅଛି । ସେ ବିଭିନ୍ନ ଫର୍ମାଟରେ ଭାରତୀୟ ଦଳର ଦାୟିତ୍ୱ ଗ୍ରହଣ କରିଛନ୍ତି । ଗତ ମ୍ୟାଚ୍‌ରେ ମଧ୍ୟ ରାହୁଲ କିଛି ସମୟ ପାଇଁ ପଡ଼ିଆରେ ଦଳର ଦାୟିତ୍ୱ ଗ୍ରହଣ କରିଥିଲେ ।

ପନ୍ତଙ୍କ ଅନୁପସ୍ଥିତିରେ, ଭାରତୀୟ ଦଳ ପ୍ଲେଇଂ ୧୧ରେ କିଛି ନୂତନ ମୁହଁକୁ ସୁଯୋଗ ଦେଇଛି । ଧ୍ରୁବ ଜୁରେଲଙ୍କୁ ଉଇକେଟକିପର ଭାବରେ ପ୍ଲେଇଂ ୧୧ରେ ସାମିଲ କରାଯାଇଛି । ଗତ ଦୁଇଟି ମ୍ୟାଚ୍‌ରେ, ଯେତେବେଳେ ରିଷଭ ପନ୍ତ ଆହତ ହୋଇଥିଲେ, ଧ୍ରୁବ ଉଇକେଟକିପର ଦାୟିତ୍ୱ ନେଇଥିଲେ ଏବଂ ବହୁତ ପ୍ରଭାବିତ କରିଥିଲେ । ଏହା ଧ୍ରୁବଙ୍କ ଇଂଲଣ୍ଡରେ ପ୍ରଥମ ଟେଷ୍ଟ ମ୍ୟାଚ୍ ମଧ୍ୟ ।

କେଏଲ ରାହୁଲଙ୍କ ପାଇଁ ଏହି ସିରିଜ ଏପର୍ଯ୍ୟନ୍ତ ବହୁତ ଭଲ ରହିଛି । ଓପନର ଭାବରେ ଖେଳି ସେ ପ୍ରତ୍ୟେକ ମ୍ୟାଚ୍‌ରେ ରନ କରିଛନ୍ତି । ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ସେ ୪୨ ରନ ଏବଂ ୧୩୭ ରନ୍ର ଇନିଂସ ଖେଳିଥିଲେ । ସେହି ସମୟରେ, ସେ ଦ୍ୱିତୀୟ ମ୍ୟାଚ୍‌ରେ ୨ ରନ ଏବଂ ୫୫ ରନ କରିଥିଲେ । ତା'ପରେ ତୃତୀୟ ମ୍ୟାଚ୍‌ରେ ସେ ୧୦୦ ରନ ଏବଂ ୩୯ ରନ୍‌ର ଇନିଂସ ଖେଳିଥିଲେ । ଏବେ ମାଞ୍ଚେଷ୍ଟର ଟେଷ୍ଟରେ ମଧ୍ୟ ସେ ପ୍ରଥମ ଇନିଂସ୍‌ରେ ୪୬ ରନ ଏବଂ ଶେଷ ଇନିଂସ୍‌ରେ ୯୦ ରନ କରିଥିଲେ ।

# ଡବ୍ଲୁସିଏଲ ସେମିଫାଇନାଲ : ପାକିସ୍ତାନ ସହିତ ମ୍ୟାଚ୍ ଖେଳିବାକୁ ମନା କଲା ଭାରତ

**ନୂଆଦିଲ୍ଲୀ**

ଗୁରୁବାର ହେବାକୁ ଥିବା ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ (ଡବ୍ଲୁସିଏଲ)ର ସେମିଫାଇନାଲରେ ଭାରତ ଚମ୍ପିଅନ୍ସ ପାକିସ୍ତାନ ଚମ୍ପିଅନ ସହିତ ଖେଳିବାକୁ ମନା କରି ଦେଇଛି । ଭାରତ ଚମ୍ପିଆନ୍ସ ମଙ୍ଗଳବାର ୱେଷ୍ଟଇଣ୍ଡିଜକୁ ମାତ୍ର ୧୩.୨ ଓଭରରେ ହରାଇ ସେମିଫାଇନାଲକୁ ପହଞ୍ଚି ଯାଇଛି । କିନ୍ତୁ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳିବାକୁ ନେଇ ଭାରତ ପ୍ରଥମରୁ ଆପତ୍ତି କରିଥିଲା । ଏହାପୂର୍ବରୁ ବି ଗ୍ରୁପ ଷ୍ଟେଜର ଭାରତ ଓ ପାକିସ୍ତାନ ମ୍ୟାଚ ବାତିଲ କରି ଦିଆଯାଇଥିଲା । କାରଣ ଖେଳାଳି ଓ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ସ୍ପନସର ବିରୋଧ କରିଥିଲେ । 'ଡବ୍ଲୁସିଏଲ୍'ର ମୁଖ୍ୟ ସ୍ପନସରମାନଙ୍କ ମଧ୍ୟରୁ ଗୋଟିଏ 'ଇଜିମାଇଟ୍ରିପ୍' ଭାରତ-ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ସେମିଫାଇନାଲ୍ ମ୍ୟାଚ୍‌ରୁ ନିଜର ନାମ ପ୍ରତ୍ୟାହାର କରି ନେଇଛି । ଅର୍ଥାତ କମ୍ପାନି ପାକିସ୍ତାନ ସହିତ ଜଡ଼ିତ କୌଣସି ମ୍ୟାଚ୍‌ରେ ଅଂଶ ହେବ ନାହିଁ । ସେହିପରି ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନା ଏବଂ ଶିଖର ଧାୱନ ମଧ୍ୟ କହିଛନ୍ତି ଯେ ସେମାନେ ପାକିସ୍ତାନ ବିପକ୍ଷରେ ଖେଳିବେ ନାହିଁ । 'ଇଜିମାଇଟ୍ରିପ୍' କମ୍ପାନୀର ସହ-ପ୍ରତିଷ୍ଠାତା ନିଶାନ୍ତ ପିଟ୍ଟି 'ଏକ୍ସ' ପୋଷ୍ଟରେ ଲେଖିଛନ୍ତି, 'ଆମେ ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସରେ ଟିମ୍ ଇଣ୍ଡିଆ ଚାମ୍ପିଅନସର ପ୍ରଦର୍ଶନକୁ ପ୍ରଶଂସା କରୁଛୁ । ଆମେ ଭାରତର ଲୋକଙ୍କ ଭାବନାକୁ ସମ୍ମାନ କରି ପଛକୁ ହଟି ଯାଉଛି । ଆମ ମତରେ ଆତଙ୍କବାଦ ଏବଂ କ୍ରିକେଟ୍ ଏକାଠି ଚାଲିପାରେ ନାହିଁ ।

# ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜକୁ ବ୍ରୋଞ୍ଜ ମେଡାଲ : ସମ୍ବର୍ଦ୍ଧିତ କଲେ ଆରକ୍ଷୀ ଅଧିକ୍ଷକ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

କଟକ ଠାରେ ଅନୁଷ୍ଠିତ ୭୭ତମ ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ପୋଲିସ ଟିମ୍ ୫ମ ରାଉଣ୍ଡରେ ୪ର୍ଥ ଆଇଆରବିଏନ, ଦେଓଗଡ଼କୁ ୩-୦ ସେଟ୍‌ରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି । ପୁରସ୍କାର ସ୍ୱରୂପ ଦଳକୁ ବ୍ରୋଞ୍ଜ ମେଡାଲ ସହ ୧୦ ହଜାର ନଗଦ ରାଶି ମିଳିଛି । ଚାମ୍ପିଅନସିପ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଅଞ୍ଜନ ବେହେରାଙ୍କୁ ଟ୍ରଫି ଓ ୨ ହଜାର ପୁରସ୍କାର ରାଶି ମିଳିଛି । ଖବର ପାଇ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ଗୁରୁବାର ପୂର୍ବାହ୍ନରେ ସମସ୍ତ ଖେଳାଳିଙ୍କ ସମେତ ମ୍ୟାନେଜର ଓ କୋଚ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସମ୍ବର୍ଦ୍ଧନା ଉତ୍ସବରେ ରିଜର୍ଭ ଇନ୍ସପେକ୍ଟର ଆଲୋକ କାନୁନ୍‌ଗୋ, ମୟୂରଭଞ୍ଜ ପୋଲିସ ସଂଘର ସଭାପତି ବିକାଶ କୁମାର ବାରିକ, ସମ୍ପାଦକ ସୁରଜ କୁମାର ରାଜ, କ୍ରୀଡା ସଂଗଠକ ଭାନୁପ୍ରତାପ ଭଞ୍ଜଦେଓ, ଏନଆଇଏସ କୋଚ୍ ମନୋରଞ୍ଜନ ଜୀଉ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଚାମ୍ପିଅନସିପ୍‌ରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଅଞ୍ଜନ ବେହେରା, ମିଲୁ ମହାନ୍ତ ଓ ଜନ୍ମେଜୟ ଦାସ ଜାତୀୟ ସ୍ତରୀୟ ପୋଲିସ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶା ପୋଲିସ ଦଳର ଚୟନ ଶିବିରକୁ ମନୋନୀତ ହୋଇଛନ୍ତି ।

# ଟାଟା ଷ୍ଟିଲ୍‌ର ସବୁଜ ସମାଧାନ 'ଟାଟା ଡ୍ୟୁରେକୋ' ଓଡ଼ିଶାର ଏନ୍‌ଏଚ୍ ନିର୍ମାଣକୁ ସୁଦୃଢ଼ କରୁଛି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଟାଟା ଷ୍ଟିଲ୍‌ର ଇଣ୍ଡଷ୍ଟ୍ରିଆଲ ବାଇ-ପ୍ରଡକ୍ଟ ମ୍ୟାନେଜମେଣ୍ଟ ଡିଭିଜନ (ଆଇବିଏମଡି) ପକ୍ଷରୁ ଏହାର ଅଭିନବ ତଥା ପରିବେଶ ଉପଯୋଗୀ ଗ୍ରାଉଣ୍ଡ୍ ଗ୍ରାନୁଲେଟେଡଜ୍ ବ୍ଲାଷ୍ଟ୍ ଫର୍ଣ୍ଣେସ୍ ସ୍ଲାଗ୍ (ଜିଜିବିଏ) ଉତ୍ପାଦ-ଟାଟା ଡ୍ୟୁରୋକୋର ସଫଳ ପ୍ରୟୋଗ କରାଯାଇଛି । ଏହାକୁ ଜାତୀୟ ରାଜପଥ ୫୩ର ୭୬ କିମି ରାସ୍ତାକୁ ଚଉଡ଼ା କରିବାରେ ବ୍ୟବହାର କରାଯାଇଛି । ଓଡ଼ିଶାର ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ଏବେ ଚାରି ଲେନ୍‌ରୁ ଛଅ ଲେନ୍‌କୁ ସମ୍ପ୍ରସାରଣ କରାଯାଉଛି, ଯାହା ହଜାର ହଜାର ଲୋକଙ୍କ ପାଇଁ ଗମନାଗମନ ସଂଯୋଗ, ସୁରକ୍ଷା ଓ ଯାତାୟାତ ଦକ୍ଷତାରେ ଉନ୍ନତି ଆଣିବ । ଏହି ସବୁଜ ଉତ୍ପାଦ ଜିଜିବିଏସ୍ ହେଉଛି ସିମେଣ୍ଟର ଏକ ଆଂଶିକ ବିକଳ୍ପ, ଯାହାକୁ ଇସ୍ପାତ ଉତ୍ପାଦନରୁ ବାହାରୁ ଥିବା ବ୍ଲାଷ୍ଟ୍ ଫର୍ଣ୍ଣେସ୍ ସ୍ଲାଗ୍‌କୁ ପ୍ରକ୍ରିୟାକରଣ କରି ପ୍ରସ୍ତୁତ କରାଯାଉଛି, ଏବଂ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉଛି । ବର୍ତ୍ତମାନ ମାସିକ ୪୦ କିଲୋଟନ୍ ଜିଜିବିଏସ୍ ଉତ୍ପାଦନ କରାଯାଉଛି । ନିକଟ ଭବିଷ୍ୟତରେ ଏହାର ଉତ୍ପାଦନ କ୍ଷମତା ଦ୍ରୁତ ଗତିରେ ସମ୍ପ୍ରସାରଣ ହେବାକୁ ଯାଉଛି । ଟାଟାଷ୍ଟିଲ୍‌ର ଆଇବିଏମ୍‌ଡି ପକ୍ଷରୁ ଏନ୍‌ଏଚ୍ ୫୩ ପାଇଁ ପ୍ରାୟ ୨୦ କିଲୋଟନ୍ ଜିଜିବିଏସ୍‌ଯୋଗାଇ ଦିଆଯାଇଥିଲା । ଟାଟା ଷ୍ଟିଲ୍ ଆଇବିଡିଏମ୍‌ର ଇନ୍‌ଚାର୍ଜ ଦୀପଙ୍କର




ଦାସଗୁପ୍ତା କହିଛନ୍ତି ଯେ, 'ଚଣ୍ଡିଖୋଲରୁ ପାରାଦୀପ ଜାତୀୟ ରାଜପଥ-୫୩ ପ୍ରକଳ୍ପରେ ଜିଜିବିଏସ୍‌ର ବ୍ୟବହାର, ଆଧୁନିକ ଏବଂ ସ୍ଥାୟୀ ନିର୍ମାଣ ସାମଗ୍ରୀ ଉନ୍ନତି ସହିତ ସର୍କୁଲାର ଇକୋନମିର ଚିନ୍ତାଧାରାକୁ କିପରି ସଫଳ ଉପଯୋଗ କରାଯାଇ ପାରିବ ତାହାର ଏକ ଭଲ ଉଦାହରଣ । ଏହାଦ୍ୱାରା ଜାତୀୟ ଭିତ୍ତିଭୂମି ବିକାଶରେ ସବୁଜ ନିର୍ମାଣ ପ୍ରକ୍ରିୟାକୁ କିଭଳି ଆଗକୁ ନିଆ ଯାଇପାରିବ, ତାହା ପ୍ରମାଣିତ କରାଯାଇଛି ।' 'ଏହି ସବୁଜ ସମାଧାନ 'ଟାଟା ଡ୍ୟୁରେକୋ,' ଭାରତର ବୃଦ୍ଧି ପାଉଥିବା ଭିତ୍ତିଭୂମିର ଆବଶ୍ୟକତା ପାଇଁ ଶକ୍ତି, ସ୍ଥାୟିତ୍ୱ ଏବଂ ଦୀର୍ଘସ୍ଥାୟିତ୍ୱର ଏକ ପ୍ରତିଶ୍ରୁତି । ଏହାକେବଳ ପରିବେଶଗତ ଉପକାରିତା ପ୍ରଦାନ କରିବ ନାହିଁ ବରଂ ଏଥିରେ ଅଧିକ ଦୃଢ଼ତା ଏବଂ କ୍ଷୟକୁ ରୋକିବ, ଯାହା କଂକ୍ରିଟକୁ କୌଣସି ସଲଫେଟ୍ ଏବଂ କ୍ଲୋରାଇଡ୍ ଆକ୍ରମଣରୁ ରକ୍ଷା କରିପାରିବ ବୋଲି ଶ୍ରୀ ଦାସଗୁପ୍ତା କହିଛନ୍ତି ।'' ଏହାର ଶକ୍ତି ଏବଂ ଦୀର୍ଘସ୍ଥାୟୀ ପ୍ରଦର୍ଶନ ପାଇଁ ପରିଚିତ ଟାଟା ଡ୍ୟୁରେକୋକୁ କଂକ୍ରିଟ୍ ମିଶ୍ରଣରେ ମିଶାଇଲେ ରାସାୟନିକ ଆକ୍ରମଣରୁ ପ୍ରତିରୋଧ ମିଳିବ, କମ୍ କ୍ଷୟ ଏବଂ ବର୍ଦ୍ଧିତ ଭାର ବହନ କ୍ଷମତା ସୁନିଶ୍ଚିତ ହେବ । ଏହା ଓଡ଼ିଶାର ଶିଳ୍ପ କରିଡ଼ର୍ ଏବଂ ପାରାଦୀପର ମୁଖ୍ୟ ବନ୍ଦର ମଧ୍ୟରେ ଭାରି ମାଲ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ରଦର୍ଶନ ବ୍ୟତୀତ ଏହି ନବସୃଜନ କମ୍ପାନିର ସର୍କୁଲାର ଇକୋନମୀ ଅଭ୍ୟାସ ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି, ଯେଉଁଥିରେ ଶିଳ୍ପ ଉପ-ଉତ୍ପାଦକୁ ସ୍ଥାୟୀ ନିର୍ମାଣ ସମାଧାନ ସୃଷ୍ଟି ପାଇଁ ବ୍ୟବହାର କରାଯାଇଛି । ଜିଜିବିଏସ୍ କଂକ୍ରିଟ୍ ମିଶ୍ରଣରେ କାର୍ବନ ମାତ୍ରା କମ୍ ହୋଇପାରିଛି, ଯାହା ଏକ ସବୁଜ ଏବଂ ଅଧିକ ସ୍ଥାୟୀ ଭିତ୍ତିଭୂମି ପ୍ରତି ଏକ ବଡ ଅବଦାନ । ଜାତୀୟ ରାଜପଥ ୫୩ର ଏହି ରୂପାନ୍ତରଣ ଓଡ଼ିଶାର ଭିତ୍ତିଭୂମି ପରିପ୍ରେକ୍ଷୀରେ ଏକ ମାଇଲଖୁଣ୍ଟ, ଯାହା ଦଶନ୍ଧି ଧରି ସୁଗମ, ସୁରକ୍ଷିତ ଏବଂ ସ୍ଥାୟୀ ଯାତାୟାତ ସୁବିଧା ନିଶ୍ଚିତ କରିବ । ପ୍ରାଥମିକ ଗ୍ରାହକଙ୍କ ମଧ୍ୟରେ ପ୍ରମୁଖ ଭିତ୍ତିଭୂମି ବିକାଶକାରୀ କମ୍ପାନୀଗୁଡ଼ିକ ରହିଥିବାବେଳେ ଆଇବିଏମ୍‌ଡି ବିଭିନ୍ନମେଟ୍ରୋ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଜାତୀୟ ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରକଳ୍ପ- ଯେପରିକିସେତୁ, ଜାତୀୟ ରାଜପଥ ଏବଂ ସୀମାନ୍ତ ରାଜପଥ ନିର୍ମାଣ ପାଇଁ ଉପକରଣ ଯୋଗାଇବା ଦିଗରେ କାମ କରୁଛି ।

# ବ୍ରହ୍ମପୁର ପାସ୍‌ପୋର୍ଟ କେନ୍ଦ୍ରରେ ଦୈନିକ ୪୫ ସ୍ଲଟ୍ : ସଂଖ୍ୟା ବଢୁ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ପାସ୍‌ପୋର୍ଟ ପାଇଁ ବ୍ରହ୍ମପୁରବାସୀଙ୍କୁ ନାହିଁ ନଥିବା ଦହଗଞ୍ଜର ଶିକାର ହେଉଥିବା ଦେଖିବାକୁ ମିଳୁଛି । ମାସ ତମାମ ଅପେକ୍ଷା କରିବା ପରେ ମଧ୍ୟ ସ୍ଥିତି ସମ୍ପର୍କରେ ଠିକ୍ ତଥ୍ୟ ପାଇପାରୁ ନାହାନ୍ତି ଆବେଦନକାରୀ । ଏଭଳି ପରିସ୍ଥିତିରେ ଆବେଦନକାରୀ ଅପେକ୍ଷା କରି ଥକିପଡ଼ିବା ପରେ ଭୁବନେଶ୍ୱର କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି । ଅନ୍ୟପକ୍ଷେ ବ୍ରହ୍ମପୁର କେନ୍ଦ୍ରରେ ସ୍ଲଟ୍ ମିଳିବା ସମସ୍ୟା ମୁଣ୍ଡବିନ୍ଧାର କାରଣ ପାଲଟିଛି । ତୁରନ୍ତ ଏଠାରେ ସ୍ଲଟ ସଂଖ୍ୟା ବଢ଼ାଇବା ସହ ଆବେଦନକାରୀଙ୍କୁ ଯାଞ୍ଚ ପରବର୍ତ୍ତୀ ତଥ୍ୟ ପ୍ରଦାନ କରିବାର ବ୍ୟବସ୍ଥା କରିବାକୁ ସହରବାସୀ ଦାବି କରୁଛନ୍ତି । ଲୋକଙ୍କୁ ସୁବିଧାରେ ପାସ୍‌ପୋର୍ଟ ସେବା ପ୍ରଦାନ କରିବା ପାଇଁ ବ୍ରହ୍ମପୁରସ୍ଥିତ ମୁଖ୍ୟ ଡାକଘର ପରିସରରେ ୨୦୧୬ ମସିହାରେ ପାସ୍‌ପୋର୍ଟ ସେବା କେନ୍ଦ୍ର ଖୋଲାଯାଇଛି । ଜଣେ ସାଧାରଣ ଲୋକ ପାସ୍‌ପୋର୍ଟ ଆବେଦନ କରିବା ପରେ ସ୍ଲଟ ବୁକିଂ କରି କାର୍ଯ୍ୟାଳୟ ପକ୍ଷରୁ ଧାର୍ଯ୍ୟ ତାରିଖ ଅନୁସାରେ ଏହି କେନ୍ଦ୍ରକୁ ଆସିବା ପରେ ଆବଶ୍ୟକ ସାର୍ଟିଫିକେଟ୍ ଯାହଚ କରାଯାଇଥାଏ । ବର୍ତ୍ତମାନ ଏହି କେନ୍ଦ୍ରରେ ନୂତନ କିମ୍ବା ନବୀକରଣ ସମ୍ବନ୍ଧୀୟ ସେବା ଓ ପୋଲିସ କ୍ଲିୟରେନସ୍ ସାର୍ଟିଫିକେଟ୍ ପରି ମୁଖ୍ୟତଃ ଦୁଇଟି ପ୍ରକାର ସେବା ପ୍ରଦାନ କରାଯାଉଛି । ମିଳିଥିବା ସୂଚନା ଅନୁସାରେ ପ୍ରାରମ୍ଭିକ ସମୟରେ ନବୀକରଣ, ନୂତନରେ ୪୦ ଓ ପିସିସି ୧୦ଟି ସ୍ଲଟ୍‌କୁ ମିଶାଇ କେନ୍ଦ୍ରକୁ ୫୦ ଜଣଙ୍କ ସ୍ଲଟ୍ ବୁକିଂ କରାଯାଉଥିଲା । ପରବର୍ତୀ ସମୟରେ ଏହାକୁ ବୃଦ୍ଧି କରାଯାଇ ୬୦:୧୦ ଅନୁପାତରେ ୭୦ଟି ସ୍ଲଟ୍ ପ୍ରଦାନ କରାଯାଉଥିଲା । କିନ୍ତୁ ମାନବ ସମ୍ବଳ ଅଭାବ, ଆନୁଷଙ୍ଗିକ ସୁବିଧା ସୁଯୋଗ ନଥିବା କାରଣ ଦର୍ଶାଇ ୨୦୨୪ ପରଠାରୁ ୩୫:୧୦ ମିଶାଇ ୪୫ଟି ସ୍ଲଟ୍ ମିଳୁଛି । ୪୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଗଞ୍ଜାମ ଜିଲ୍ଲାର ଆସିକା ଓ ବ୍ରହ୍ମପୁରରେ ପାସ୍‌ପୋର୍ଟ ସେବା କେନ୍ଦ୍ର ରହିଛି । ଏପରି ସ୍ଥିତିରେ ଅଳ୍ପ ସଂଖ୍ୟକ ସ୍ଲଟ୍ ବୁକିଂ କାରଣରୁ ଲୋକଙ୍କୁ ସେବା ଯୋଗାଇବାରେ ଅସୁବିଧା ଦେଉଥିବା କିଛି ପୂର୍ବତନ କର୍ମଚାରୀ କହୁଛନ୍ତି । ଅନ୍ୟ ଏକ ସମସ୍ୟା ହେଉଛି ଜଣେ ଲୋକ ଆବେଦନ କରିବା ପରେ ତଥ୍ୟ ଯାଞ୍ଚ କରିବା ପାଇଁ ଏକ କେନ୍ଦ୍ରକୁ ଆସୁଛନ୍ତି । ଯାଞ୍ଚ କରିବା ପରେ ଆବେଦନ ସମ୍ବନ୍ଧୀୟ ତଥ୍ୟର ଅପଡ଼େଟ୍ ବାବଦରେ କୌଣସି ଆବେଦନକାରୀଙ୍କୁ ସୂଚନା ମିଳୁନଥିବା ଅଭିଯୋଗ କରିଛନ୍ତି ।

# ଚିତ୍ରାଙ୍କନ, ହସ୍ତଶିଳ୍ପ ଏବଂ ରଚନା ପ୍ରତିଯୋଗିତା




**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମହମୁଦାବାଦ ସ୍ଥିତ ମସଜିଦ ନାସିର ଠାରେ ଅହମଦିୟା ମୁସଲିମ ମହିଳା ସଂଗଠନ ନାସରାତୁଲ ଅହମଦିୟା ମେହମୁଦାବାଦ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ଗ୍ରୁପ ମୋହସିନାତର ପିଲାମାନଙ୍କୁ ରଚନା (ନମାଜ କି ଅହମିୟତ କିମ୍ବା ଅରକାନେ ଇସଲାମ) ଏହି ବିଷୟରେ ୨୦୦ଶବ୍ଦରେ ରଚନା ଲେଖିବାକୁ ଦିଆଯାଇଥିଲା ଏବଂ ଗ୍ରୁପ କାନେତାତ ପିଲାମାନଙ୍କ ମଧ୍ୟରେ ଅରକାନେ ଇସଲାମ ବିଷୟରେ ରଚନା ତଥା ହସ୍ତଶିଳ୍ପ ପ୍ରତିଯୋଗିତା କରାଯାଇଥିଲା । ଏହି ପରିଭାବେ ଗ୍ରୁପ ସ୍ୱାଲେହାତ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ୫୦ଜଣ ପିଲା ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୋରାନ ପାଠ ସହ ହୋଇଥିଲା । ମାରିୟା ଫୟାଜ ପବିତ୍ର କୋରାନ ପାଠ କରିଥିବା ବେଳେ ସଭାନେତ୍ରୀ ତସୁର୍ରୁନ ନାଜେରିନ ନୀରବ ପ୍ରାର୍ଥନା ଦୁଆ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ସଂଗଠନର ସଭାନେତ୍ରୀ ତସୁର୍ରୁନ ନାଜେରିନ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସେକ୍ରେଟାରୀ ନାସରାତ ରୁକସାନା ଅଞ୍ଜୁମ ପରିଚାଳନା କରିଥିଲେ ।

# ସୋନପୁର ସହରର ବିକାଶ ନିମନ୍ତେ ନୂତନ ଜିଲ୍ଲାପାଳଙ୍କ ପ୍ରସ୍ତାବ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳ ଡଃ ନୃପରାଜ ସାହୁ ପ୍ରଥମେ ସଦର ମହକୁମା ସୁବର୍ଣ୍ଣପୁର ସହରକୁ ସବୁଜ ସୁନ୍ଦର କରିବାକୁ ବିଭିନ୍ନ ଅଧିକାରୀଙ୍କ ସହିତ ଅଚାନକ ପରିଦର୍ଶନରେ ପ୍ରଥମେ ବ୍ଲକ ଛକ ପହଞ୍ଚିଥିଲେ । ବ୍ଲକ ଛକରୁ ସହର ପ୍ରବେଶ ପାଇଁ ଉଭୟ ପାର୍ଶ୍ୱ ରାସ୍ତାରେ ବସିଥିବା ପନିପରିବା ବିକାଳୀଙ୍କୁ ତାଙ୍କ ପାଇଁ ନିର୍ମାଣ କରିଥିବା ସ୍ୱତନ୍ତ୍ର ଭେଣ୍ଡିଙ୍ଗ ଜୋନ କୁ ସ୍ଥାନାନ୍ତର ପାଇଁ ପରାମର୍ଶ କରିଥିଲେ । ଭେଣ୍ଡିଂ ଜୋନ୍‌ରେ ଥିବା ଆବଶ୍ୟକୀୟ ସୁବିଧା ଯୋଗାଇ ଦେବାକୁ ବେପାରୀମାନେ ଜିଲ୍ଲାପାଳଙ୍କୁ ଗୁହାରି କରିଥିବାବେଳେ ସେ ସବୁର ତୁରନ୍ତ ସମାଧାନ ପାଇଁ ପୌର ପରିଷଦ ଓ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ କରିଥିଲେ । ଉକ୍ତ ଛକରେ ଥିବା ଡିଭାଇଡ଼ର ଗୁଡ଼ିକୁ ଭାଙ୍ଗି ଭୁବନେଶ୍ୱର ମାଷ୍ଟର



କ୍ୟାଣ୍ଟିନ ଛକ ଭଳି ନୂତନ ଛକ ନିର୍ମାଣ ଓ ସୌନ୍ଦର୍ଯ୍ୟ ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ପ୍ରସ୍ତାବ ଆଗତ କରିଥିଲେ । ଖରା ବର୍ଷାରୁ ରକ୍ଷାପାଇବା ପାଇଁ ଟ୍ରାଫିକ୍ ପୋଲିସଙ୍କ ପାଇଁ ଏକ ସେଡ୍ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳ ଡଃ ନୃପରାଜ୍ ସାହୁ ନୂଆ ଡେଲି ମାର୍କେଟକୁ ପରିଦର୍ଶନରେ ଯାଇ ମାଛ ବଜାର ଓ ପନିପରିବା ବିକାଳୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ମାଛ ବଜାର, ସାପ୍ତାହିକ ବଜାର ଦିନ ବସୁଥିବା ଜାଗାରେ ଆଣ୍ଠେ ପାଣି କାଦୁଅ ଜମୁଥିବା ଦୃଶ୍ୟ ଓ ବିଭିନ୍ନ ସମସ୍ୟା ଦେଖି ପୌର ଅଧିକାରୀଙ୍କ ଆଗରେ ବିରକ୍ତି ପ୍ରକାଶ କରିଥିଲେ । ତୁରନ୍ତ ଏ ଅଳିଆ ଆବର୍ଜନାକୁ ସଫା କରି ଏଠାରେ ପିଣ୍ଡି ସବୁ କରି ଫେବର୍ ବ୍ଲକ୍ ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ । ବ୍ୟବସାୟୀମାନେ ସ୍ଥାୟୀ ସୁବିଧା ପାଇଁ ଏକ ସେଡ୍ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି ।

**GOVERNMENT OF ODISHA, DEPARTMENT OF WATER RESOURCES** A-451
**Office of the Addl, Chief Engineer, Mechanical Circle, Bhubaneswar**
**Email Address: semechcirde104@gmail.com**
**e-Procurement Notice- Bid Identification No.- ACEM/MDC-30/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDC-30/2025-26
5. Estimated Cost : Rs. 17,83,955/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt 01.08.2025(10.00 AM) to dt11.08.2025(5.30 PM)
8. Last dale/time for receipt of bid In the Portal : dt.11.08.2025 (upto 5.30 PM)
9. Date and Place of opening of Bid : dt12.08.2025 (12.00 Noon onwards in the O/O the undersigned)
10. Name of the Officer inviting bid : AddL Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancelation Notice shall be uploaded in the aforesaid website only.

Sd/- Addl. Chief Engineer,
Mechanical Circle Bhubaneswar
OIPR-32405/11/0087/2526

**GOVERNMENT OF ODISHA** (eerw_kpd@yahoo.com)
**OFFICE OF THE SUPERINTENDING ENGINEER** O-519
**RURAL WORKS DIVISION, KENDRAPARA**
**Cancellation Notice to**
**Tender call Notice No- Tender Online RWD/KPD - 02 of 2025-26, Dated:- 22.07.2025**
**Due to Administrative ground, the fore mentioned tender call notice is Cancelled.**

Sd/- Suraj Biswal
Superintending Engineer
Rural Works Division, Kendrapara
OIPR-25064/11/0023/2526

# ଦିଲ୍ଲୀ ମୁମ୍ବାଇ ରେଳ ମାର୍ଗର ମଥୁରା-କୋଟା ସେକ୍ସନରେ କାର୍ଯ୍ୟକ୍ଷମ ହେଲା ସ୍ୱଦେଶୀ କବଚ ୪.୦ ସୁରକ୍ଷା ପ୍ରଣାଳୀ

- ବ୍ୟସ୍ତବହୁଳ ଦିଲ୍ଲୀ-ମୁମ୍ବାଇ ମାର୍ଗରର ମଥୁରା-କୋଟା ସେକ୍ସନରେ ରେକର୍ଡ ସମୟରେ କବଚ ୪.୦କୁ କାର୍ଯ୍ୟକ୍ଷମ କରିବା ଏକ ବଡ଼ ସଫଳତା : ଅଶ୍ୱିନୀ ବୈଷ୍ଣବ
- କବଚ ପ୍ରଭାବଶାଳୀ ବ୍ରେକ୍ ପ୍ରୟୋଗ ମାଧ୍ୟମରେ ଲୋକୋ ପାଇଲଟଙ୍କ ପାଇଁ ଟ୍ରେନର ଗତି ନିୟନ୍ତ୍ରଣ ସୁବିଧା ଦେବ; ଲୋକୋ ପାଇଲଟମାନେ କୁହୁଡ଼ିରେ ମଧ୍ୟ କ୍ୟାବ୍ ଭିତରେ ସିଗ୍ନାଲ ସୂଚନା ପାଇପାରିବେ
- ୬ ବର୍ଷ ମଧ୍ୟରେ ଦେଶବ୍ୟାପୀ କବଚ ୪.୦କୁ କାର୍ଯ୍ୟକ୍ଷମ କରିବ ଭାରତୀୟ ରେଳବାଇ; ଟ୍ରେନ୍ ସୁରକ୍ଷା ପ୍ରଣାଳୀ ନିୟୋଜିତ କରିବାକୁ ୨୦-୩୦ ବର୍ଷ ସମୟ ନେଇଛନ୍ତି ଅନେକ ବିକଶିତ ରାଷ୍ଟ୍ର
- ସୁରକ୍ଷା ପ୍ରତି ରେଳବାଇ ପ୍ରତିବଦ୍ଧତା : ୧ ଲକ୍ଷ କୋଟି ଟଙ୍କାର ବାର୍ଷିକ ନିବେଶ ମାଧ୍ୟମରେ ସମର୍ଥିତ ଅନେକ ସୁରକ୍ଷା ପଦକ୍ଷେପ ମଧ୍ୟରୁ କବଚ ଅନ୍ୟତମ

ଭାରତୀୟ ରେଳବାଇ ଅଧିକ ବ୍ୟସ୍ତବହୁଳ ଦିଲ୍ଲୀ-ମୁମ୍ବାଇ ରେଳ ମାର୍ଗର ମଥୁରା-କୋଟା ସେକ୍ସନରେ ସ୍ୱଦେଶୀ ରେଳ ସୁରକ୍ଷା ପ୍ରଣାଳୀ କବଚ ୪.୦କୁ କାର୍ଯ୍ୟକ୍ଷମ କରିଛି । ଏହା ଦେଶରେ ରେଳ ସୁରକ୍ଷା ପ୍ରଣାଳୀର ଆଧୁନିକୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, "ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ 'ଆତ୍ମନିର୍ଭର ଭାରତ' ଦୃଷ୍ଟିକୋଣରୁ ପ୍ରେରଣା ନେଇ ରେଳବାଇ ସମ୍ପୂର୍ଣ୍ଣ ସ୍ୱଦେଶୀ ଭାବରେ କବଚ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ ଡିଜାଇନ୍, ବିକଶିତ ଏବଂ ନିର୍ମାଣ କରିଛି । କବଚ ୪.୦ ଏକ ପ୍ରଯୁକ୍ତିବିଦ୍ୟା-ଆଧାରିତ ପ୍ରଣାଳୀ । ଏହାକୁ ଜୁଲାଇ ୨୦୨୪ ରେ ଗବେଷଣା ଡିଜାଇନ୍ ଏବଂ ମାନକ ସଂଗଠନ (ଆରଡିଏସଓ) ଦ୍ୱାରା ଅନୁମୋଦନ କରାଯାଇଥିଲା । ଅନେକ ବିକଶିତ ଦେଶ ଟ୍ରେନ୍ ସୁରକ୍ଷା ପ୍ରଣାଳୀ ବିକଶିତ ଓ କାର୍ଯ୍ୟକାରୀ କରିବାକୁ ୨୦-୩୦ ବର୍ଷ ସମୟ ନେଇଛନ୍ତି । କୋଟା-ମଥୁରା ସେକ୍ସନରେ କବଚ ୪.୦ କାର୍ଯ୍ୟକ୍ଷମ କରିବାର ସଫଳତା ବହୁତ କମ୍ ସମୟ ମଧ୍ୟରେ ହାସଲ କରାଯାଇଛି । ଏହା ଏକ ବଡ଼ ସଫଳତା ।''

ସ୍ୱାଧୀନତା ପରେ ଗତ ୬୦ ବର୍ଷ ମଧ୍ୟରେ ଦେଶରେ ଅନ୍ତର୍ଜାତୀୟ ମାନର ଉନ୍ନତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ କାର୍ଯ୍ୟକାରୀ ହୋଇନଥିଲା । ଟ୍ରେନ୍ ଏବଂ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ, କବଚ୍ ପ୍ରଣାଳୀକୁ ସମ୍ପ୍ରତି କାର୍ଯ୍ୟକ୍ଷମ କରାଯାଇଛି ।

ଭାରତୀୟ ରେଳବାଇ ୬ ବର୍ଷ ମଧ୍ୟରେ ସାରା ଦେଶର ବିଭିନ୍ନ ମାର୍ଗରେ କବଚ ୪.୦କୁ କାର୍ଯ୍ୟକ୍ଷମ କରିବାକୁ ପ୍ରସ୍ତୁତ ହେଉଛି । ୩୦ ହଜାରରୁ ଅଧିକ ଲୋକଙ୍କୁ କବଚ ପ୍ରଣାଳୀ ଉପରେ ତାଲିମ ଦିଆଯାଇଛି । ଆଇଆରଆଇଏସଇଟି (ଭାରତୀୟ ରେଳବାଇ ସିଗନାଲ ଇଞ୍ଜିନିୟରିଂ ଏବଂ ଦୂରସଞ୍ଚାର ପ୍ରତିଷ୍ଠାନ) ବିଟେକ୍ ପାଠ୍ୟକ୍ରମର ଅଂଶ ଭାବରେ କବଚକୁ ସାମିଲ କରିବା ପାଇଁ ୧୭ଟି ଏଆଇସିଟିଇ ଅନୁମୋଦିତ ଇଞ୍ଜିନିୟରିଂ କଲେଜ, ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି ।

କବଚ ପ୍ରଭାବଶାଳୀ ବ୍ରେକ୍ ପ୍ରୟୋଗ ଦ୍ୱାରା ଲୋକୋ ପାଇଲଟମାନଙ୍କୁ ଟ୍ରେନର ଗତି ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିବ । କୁହୁଡ଼ି ଭଳି କମ୍ ଦୃଶ୍ୟମାନତା ପରିସ୍ଥିତିରେ ମଧ୍ୟ, ଲୋକୋ ପାଇଲଟମାନଙ୍କୁ ସିଗ୍ନାଲ ପାଇଁ କ୍ୟାବିନ୍ ବାହାରକୁ ଦେଖିବାକୁ ପଡ଼ିବ ନାହିଁ । ପାଇଲଟମାନେ କ୍ୟାବିନ ଭିତରେ ଲାଗିଥିବା ଡ୍ୟାସବୋର୍ଡରେ ସୂଚନା ଦେଖିପାରିବେ ।

କବଚ ହେଉଛି ଏକ ସ୍ୱଦେଶୀ ଭାବରେ ବିକଶିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ । ଟ୍ରେନ୍ ଗତିକୁ ନିରୀକ୍ଷଣ ଏବଂ ନିୟନ୍ତ୍ରଣ କରି ଦୁର୍ଘଟଣାକୁ ରୋକିବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି । ଏହାକୁ ସୁରକ୍ଷା ବିଶ୍ୱସନୀୟତା ସ୍ତର ୪ (ଏସଆଇଏଲ ୪) ଆଧାରରେ ଡିଜାଇନ୍ କରାଯାଇଛି । ଏହା ସୁରକ୍ଷା ଡିଜାଇନର ସର୍ବୋଚ୍ଚ ସ୍ତର । କବଚର ବିକାଶ କାର୍ଯ୍ୟ ୨୦୧୫ରେ ଆରମ୍ଭ ହୋଇଥିଲା । ଏହି ପ୍ରଣାଳୀକୁ ୩ ବର୍ଷରୁ ଅଧିକ ସମୟ ପାଇଁ ବ୍ୟାପକ ଭାବରେ ପରୀକ୍ଷଣ କରାଯାଇଥିଲା । ବୈଷୟିକ ଉନ୍ନତି ପରେ, କବଚ ପ୍ରଣାଳୀକୁ ଦକ୍ଷିଣ କେନ୍ଦ୍ରୀୟ ରେଳବାଇ (ଏସସିଆର)ରେ ପ୍ରତିଷ୍ଠା କରାଯାଇଥିଲା । ୨୦୧୮ରେ ପ୍ରଥମ କାର୍ଯ୍ୟକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏସସିଆରରୁ ମିଳିଥିବା ଅଭିଜ୍ଞତାକୁ ଆଧାର କରି, ଏକ ଉନ୍ନତ ସଂସ୍କରଣ କବଚ ୪.୦ ବିକଶିତ କରାଯାଇଥିଲା । ଏହାକୁ ୧୬୦ କିଲୋମିଟର ଘଣ୍ଟା ପ୍ରତି ବେଗରେ ଚାଲୁଥିବା ଟ୍ରେନ ପାଇଁ ମେ ୨୦୨୫ରେ ଅନୁମୋଦନ କରାଯାଇଥିଲା । କବଚର ଉପାଦାନ ଗୁଡ଼ିକ ସ୍ୱଦେଶୀ ଭାବରେ ନିର୍ମିତ ହେଉଛି ।

କବଚ ଏକ ଅତ୍ୟନ୍ତ ଜଟିଳ ପ୍ରଣାଳୀ । କବଚକୁ କାର୍ଯ୍ୟକାରୀ କରିବା ଏକ ଦୂରସଞ୍ଚାର କମ୍ପାନୀ ପ୍ରତିଷ୍ଠା କରିବା ସହିତ ସମାନ । ଏଥିରେ କେତେକ ଉପପ୍ରଣାଳୀ ସାମିଲ ରହିଛି । ଏଥିମଧ୍ୟରୁ ଗୋଟିଏ ହେଉଛି ଆରଏଫଆଇଡି ଟ୍ୟାଗ୍, ଯାହାକି ଟ୍ରାକ୍‌ର ସମ୍ପୂର୍ଣ୍ଣ ଦୂରତାରେ ପ୍ରତି ୧ କିଲୋମିଟରରେ ଗୋଟିଏ ଲେଖାଏଁ ଲାଗିଛି । ପ୍ରତ୍ୟେକ ସିଗନାଲ୍‌ରେ ମଧ୍ୟ ଟ୍ୟାଗ୍‌ଗୁଡ଼ିକ ଲାଗିଛି । ଏହି ଆରଏଫଆଇଡି ଟ୍ୟାଗ୍‌ଗୁଡ଼ିକ ଟ୍ରେନ୍‌ଗୁଡ଼ିକର ସଠିକ୍ ସ୍ଥାନ ପ୍ରଦାନ କରେ । ଏହାବ୍ୟତୀତ କିଛି କିଲୋମିଟର ବ୍ୟବଧାନରେ ଅପ୍ଟିକାଲ୍ ଫାଇବର ସଂଯୋଗ ଏବଂ ବିଦ୍ୟୁତ୍ ଯୋଗାଣ ସହିତ ପୂର୍ଣ୍ଣାଙ୍ଗ ଦୂରସଞ୍ଚାର ଟାୱାରଗୁଡ଼ିକ ସ୍ଥାପନ କରାଯାଇଛି । ଷ୍ଟେସନଗୁଡ଼ିକରେ ଲୋକୋ ଏବଂ କବଚ ନିୟନ୍ତ୍ରକ ଗୁଡ଼ିକରେ ଲାଗିଥିବା କବଚ ପ୍ରଣାଳୀ ଏହି ଟାୱାରଗୁଡ଼ିକ ବ୍ୟବହାର କରି ନିରନ୍ତର ଯୋଗାଯୋଗ କରୁଛନ୍ତି । ଏହା ଏକ ଦୂରସଞ୍ଚାର ଅପରେଟର ପରି ଏକ ସମ୍ପୂର୍ଣ୍ଣ ନେଟୱାର୍କ ସ୍ଥାପନ କରିବା ସହିତ ସମାନ ।

ଏହା ଟ୍ରାକରେ ଲାଗିଥିବା ଆରଏଫଆଇଡି ଟ୍ୟାଗଗୁଡ଼ିକ ସହିତ ଯୋଗାଯୋଗ କରେ ଏବଂ ଦୂରସଞ୍ଚାର ଟାୱାରଗୁଡ଼ିକୁ ସୂଚନା ପ୍ରଦାନ କରେ ଏବଂ ଷ୍ଟେସନ୍ କବଚରୁ ରେଡିଓ ସୂଚନା ଗ୍ରହଣ କରେ । ଲୋକୋ କବଚ ମଧ୍ୟ ଲୋକୋମୋଟିଭ୍‌ର ବ୍ରେକିଂ ସିଷ୍ଟମ୍ ସହିତ ସଂଯୁକ୍ତ । ଏହି ସିଷ୍ଟମ୍ ଜରୁରୀକାଳୀନ ପରିସ୍ଥିତିରେ ବ୍ରେକ୍ ଲଗାଇବା ସୁନିଶ୍ଚିତ କରିଥାଏ ।

ସେହିପରି ଷ୍ଟେସନ କବଚ ପ୍ରତ୍ୟେକ ଷ୍ଟେସନ ଏବଂ ବ୍ଲକ ସେକ୍ସନରେ ଲାଗିଥାଏ । ଏହା ଲୋକୋ କବଚ ଓ ସିଗନାଲିଂ ସିଷ୍ଟମରୁ ସୂଚନା ଗ୍ରହଣ କରେ ଏବଂ ସୁରକ୍ଷିତ ଗତି ପାଇଁ ଲୋକୋ କବଚକୁ ମାର୍ଗଦର୍ଶନ କରେ । ଏହାବ୍ୟତୀତ ଟ୍ରାକଗୁଡ଼ିକ ସହିତ ଅପ୍ଟିକାଲ୍ ଫାଇବର ବିଛାଯାଇଥାଏ ଯାହା ହାଇ-ସ୍ପିଡ୍ ଡାଟା ଯୋଗାଯୋଗ ପାଇଁ ଏହି ସମସ୍ତ ସିଷ୍ଟମଗୁଡ଼ିକୁ ସଂଯୋଗ କରିଥାଏ । ଅନୁରୂପ ଭାବେ ସିଗ୍ନାଲିଂ ସିଷ୍ଟମ ଲୋକୋ କବଚ, ଷ୍ଟେସନ କବଚ, ଟେଲିକମ୍ ଟାୱାର ଇତ୍ୟାଦି ସହିତ ସଂଯୁକ୍ତ । ଯାତ୍ରୀ ଏବଂ ମାଲ୍‌ବାହୀ ଟ୍ରେନଗୁଡ଼ିକର ଅତ୍ୟଧିକ ପରିବହନ ସମେତ ରେଳବାଇ କାର୍ଯ୍ୟରେ ବାଧା ସୃଷ୍ଟି ନକରି ଏହି ସିଷ୍ଟମଗୁଡ଼ିକୁ ସଂଯୋଗ, ଯାଞ୍ଚ ଏବଂ ପ୍ରମାଣିତ କରାଯିବା ଆବଶ୍ୟକ ।

ବର୍ତ୍ତମାନ ସୁଦ୍ଧା ୫ହଜାର ୮୫୬ କିମିରୁ ଅଧିକ ଅପ୍ଟିକାଲ ଫାଇବର ବିଛାଯାଇଥିବା ବେଳେ ୬୧୯ ଦୂରସଞ୍ଚାର ଟାୱାର ଲଗାଯାଇଛି । ୭୦୮ଟି ଷ୍ଟେସନ ଏବଂ ୧୧୦୭ଟି ଲୋକୋରେ କବଚ ସଂଯୋଗ କରାଯାଇଛି । ୪ହଜାରରୁ ଅଧିକ କମିଟି ଟ୍ରାକ୍ ସାଇଟ୍ ସରଞ୍ଜାମ ସଂଯୋଗ କରାଯାଇଛି ।

ଭାରତୀୟ ରେଳବାଇ ପ୍ରତିବର୍ଷ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ କରିଥାଏ । ଯାତ୍ରୀ ଏବଂ ଟ୍ରେନର ସୁରକ୍ଷା ବୃଦ୍ଧି ପାଇଁ ନିଆଯାଇଥିବା ଅନେକ ପଦକ୍ଷେପ ମଧ୍ୟରୁ କବଚ ଅନ୍ୟତମ । କବଚକୁ ନିୟୋଜିତ କରିବାର ଅଗ୍ରଗତି ଏବଂ ଗତି ରେଳ ସୁରକ୍ଷା ସୁନିଶ୍ଚିତ କରିବା ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ରେଖାଙ୍କିତ କରିଥାଏ ।

ଭୁବନେଶ୍ୱର
୦୧ ଅଗଷ୍ଟ,
ଶୁକ୍ରବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିର ଚାରି ଦ୍ୱାରରେ ନାହିଁ ଅତ୍ୟାଧୁନିକ ସୁରକ୍ଷା ଉପକରଣ ଓ ସ୍କାନର ମେସିନ

**ପୁରୀ, ୩୧/୭ ନ୍ୟୁଜ ବ୍ୟୁରୋ**

ଶ୍ରୀଜଗନ୍ନାଥଙ୍କ ମନ୍ଦିର ଶ୍ରୀମନ୍ଦିର । ଏହା ଦେଶର ଏକ ପ୍ରମୁଖ ଆସ୍ଥା ଏବଂ ବିଶ୍ୱାସର କେନ୍ଦ୍ରସ୍ଥଳୀ । କୋଟି କୋଟି ଓଡ଼ିଆଙ୍କ ଭାବାବେଗର ସ୍ଥଳ । ହେଲେ କେତେ ସୁରକ୍ଷିତ ଶ୍ରୀମନ୍ଦିର । ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଚାରିଧାମ ମଧ୍ୟରୁ ଗୋଟିଏ ଧାମ ଜଗନ୍ନାଥ ଧାମ । ହେଲେ ଶ୍ରୀକ୍ଷେତ୍ର ସ୍ଥିତ ଓଡ଼ିଆ ମଉଡମଣୀ ମଣିମା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସୁରକ୍ଷାରେ କାହିଁକି ଘଟୁଛି ବାରମ୍ବାର ଅବହେଳା । କାହିଁକି ହେଉଛି ସୁରକ୍ଷାରେ ତୃଟି, ବିଚ୍ୟୁତି ଏବଂ ଘଳିଆ । କେତେବେଳେ ମନ୍ଦିର ଉପରେ ଡ୍ରୋନ ଉଡୁଛି ତ କେତେବେଳେ ମନ୍ଦିର ଭିତର ପରିସରରୁ ସେଲ୍‌ଫି ଭାଇରାଲ ହେଉଛି । କେତେବେଳେ ଚଷମାରେ ସ୍ମାଏ୍ କ୍ୟାମେରା ମନ୍ଦିର ବେଢା ଭିତରକୁ ଯାଉଛି ତ କେତେବେଳେ ଏଏସଆଇ ଭଳି ଦାୟିତ୍ୱବାନ ସଂସ୍ଥାର ସୋସିଆଲ ମିଡିଆ ସାଇଟରେ ଘୁରିବୁଲୁଛି ରତ୍ନଭଣ୍ଡାରର ସମ୍ବେଦନଶୀଳ ଫଟୋ । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, 'ଶ୍ରୀମନ୍ଦିର ସୁରକ୍ଷା ହେଉଛି ଆମର ପ୍ରାଥମିକତା । ଶ୍ରୀମନ୍ଦିରର ସୁରକ୍ଷା ପାଇଁ ସବୁ ପକ୍ଷଙ୍କ ସହ ସ୍ୱତନ୍ତ୍ର ଆଲୋଚନା କରାଯାଇ ସ୍ୱତନ୍ତ୍ର ଯୋଜନା କରାଯିବ ।' ସେହିପରି ପୁରୀ ଏସ୍‌ପି ପିନାକ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି, ପ୍ରତିଦିନ ନୂଆ ନୂଆ ତରିକାରେ ପର୍ଯ୍ୟଟକମାନେ ଶ୍ରୀମନ୍ଦିରକୁ ଆସୁଛନ୍ତି । ବିଭିନ୍ନ ଉପାୟରେ କ୍ୟାମେରା ପ୍ରବେଶ ପାଇଁ ହେଉଛି ଉଦ୍ୟମ । ହେଲେ ସେସବୁକୁ ବିଫଳ କରୁଛି ପୋଲିସ୍ । ଏସବୁ ଚ୍ୟାଲେଞ୍ଜ ଓ ଶିକ୍ଷଣୀୟ ବି ପୋଲିସ୍ ପାଇଁ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ତଦାରଖ କରି ଶ୍ରୀମନ୍ଦିର ଭିତରକୁ ଛଡ଼ା ଯାଉଛି । ବ୍ୟାଗ୍ ସ୍କାନର୍ ଓ ମେଟାଲ୍ ଡିଟେକ୍ଟର ଖୁବ ଶୀଘ୍ର ଲାଗିବ । ତା'ସହ ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ସହ ୱାଚ୍ ଟାୱାର୍ ଖୁବ ଶୀଘ୍ର କାମ କରିବ ବୋଲି ସୂଚନା ଦେଇଛନ୍ତି ପୁରୀ ଏସ୍‌ପି । ତା'ସହ ସ୍ମାଏ କ୍ୟାମେରା ଚଷମା ଧରି ପ୍ରବେଶ କରିବାକୁ ଉଦ୍ୟମ କରିଥିବା ଯୁବକ ଜଣକ କୌଣସି ଫଟୋ କିମ୍ବା ଭିଡିଓ ଉଠାଇ ନାହାନ୍ତି । ତାଙ୍କୁ ତାଗିଦ୍ ପରେ ଛାଡ଼ି ଦିଆଯାଇଥିବା ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, 'ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ାକଡ଼ି କରିବା ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁରକ୍ଷା ପାଇଁ ସରକାରଙ୍କ ପ୍ରସ୍ତାବ ରଖାଯାଇଥିବା ପୁରୀ ଏସ୍‌ପି କହିଛନ୍ତି । ଶ୍ରୀମନ୍ଦିର ଚାରି ଦ୍ୱାରରେ ସ୍କାନର ବ୍ୟବସ୍ଥା, ୱାଚ୍ ଟାୱାର ବ୍ୟବସ୍ଥା ସହ ଆଣ୍ଟି ଡ୍ରୋନ ଟେକ୍ନୋଲୋଜି ବ୍ୟବହାର ନେଇ ପ୍ରସ୍ତାବ ରହିଛି । ତେବେ ଆଶା କରୁଛୁ ଆଗାମୀ ଦିନରେ ଏହା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ । ସ୍ମାଏ କ୍ୟାମେରାକୁ କିଭଳି ଚିହ୍ନଟ କରିହେବ ସେ ନେଇ ମଧ୍ୟ ଶ୍ରୀମନ୍ଦିର ସୁରକ୍ଷାରେ ଥିବା ପୋଲିସ କର୍ମଚାରୀଙ୍କୁ ଅବଗତ କରାଯାଉଛି । ଶ୍ରୀମନ୍ଦିର ସୁରକ୍ଷା ଆମର ସର୍ବ ପ୍ରଥମ ରହିଛି ।' ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ କୌଣସି ଉନ୍ନତି ଘଟୁ ନାହିଁ । ଆଜିକାଲିର ସମୟ ଅନୁସାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଥିବା ସୁରକ୍ଷା ବ୍ୟବସ୍ଥା ଶ୍ରୀମନ୍ଦିରରେ ନାହିଁ । ଫଳରେ ମହାପ୍ରଭୁଙ୍କ ଦର୍ଶନ କରିବା ଆଳରେ ଶ୍ରୀମନ୍ଦିର ଆସୁଥିବା ଅନେକ ବ୍ୟକ୍ତି ବିଭିନ୍ନ ସ୍ମାଏ କ୍ୟାମେରା ଧରି ଶ୍ରୀମନ୍ଦିରରେ ପ୍ରବେଶ କରୁଛନ୍ତି । ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିରକୁ ମୋବାଇଲ ଫୋନ୍ ନେବା କଟକଣା ଥିବାବେଳେ ଶ୍ରୀମନ୍ଦିର ଭିତରେ ଫଟୋ ଏବଂ ଭିଡିଓ ଉତ୍ତୋଳନ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ମଧ୍ୟ ରହିଛି । ତେବେ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଅନେକ ବ୍ୟକ୍ତି ସ୍ମାଏ କ୍ୟାମେରା ଧରି ଶ୍ରୀମନ୍ଦିରରେ ପ୍ରବେଶ କରୁଥିବା ବେଳେ ପୋଲିସ ହାତରେ ଧରାପଡୁନାହାନ୍ତି । ଏହାଦ୍ୱାରା ଆଗାମୀ ଦିନରେ ଶ୍ରୀମନ୍ଦିରକୁ ବିପଦ ଥିବା କହିଛନ୍ତି ଭକ୍ତ ଏବଂ ସେବାୟତ । ଏଣୁ ଶ୍ରୀମନ୍ଦିରର ସୁରକ୍ଷା ଏବଂ ଭକ୍ତଙ୍କ ସୁରକ୍ଷା ପାଇଁ ସରକାର ଶ୍ରୀମନ୍ଦିର ଚାରି ଦ୍ୱାରରେ ଅତ୍ୟାଧୁନିକ ସ୍କାନର ମେସିନ୍ ଲଗାଇବା ସହ ଅନ୍ୟାନ୍ୟ ଆଧୁନିକ ସୁରକ୍ଷା ଟେକ୍ନୋଲୋଜି ବ୍ୟବହାର କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ଭକ୍ତ ଓ ପୁରୀ ବାସିନ୍ଦା ।



# ଶିକ୍ଷକ ବଦଳି ମାମଲା : ରାଜ୍ୟ ସରକାରଙ୍କ ଠାରୁ ଜବାବ ଲୋଡିଲେ ହାଇକୋର୍ଟ

**କଟକ, ୩୧/୭ ନ୍ୟୁଜ ବ୍ୟୁରୋ**

ସାଂସଦ ଏବଂ ବିଧାୟକମାନେ ୧୫ ଜଣ ଲେଖାଏଁ ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରି ପାରିବା ଭଳି ମାମଲାରେ ରାଜ୍ୟ ସରକାରଙ୍କ ଠାରୁ ଜବାବ ଲୋଡିଛନ୍ତି ହାଇକୋର୍ଟ । ତେବେ ଆବେଦନକାରୀ ୨ ଜଣ ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରୀ କରିଛନ୍ତି ହାଇକୋର୍ଟ । ଗତ ମେ' ମାସ ୧୩ ତାରିଖରେ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିର ବୈଧତା ଉପରେ ମଧ୍ୟ କୋର୍ଟ ପ୍ରଶ୍ନ ଉଠାଇଛନ୍ତି ।

ନର୍ଲା ଅଞ୍ଚଳର ରଞ୍ଜନ କୁମାର ତ୍ରିପାଠୀଙ୍କ ସହ ଆଉ ଜଣେ ଶିକ୍ଷକ ଜନ ପ୍ରତିନିଧିଙ୍କ ସୁପାରିଶ କ୍ରମେ ଅନ୍ୟ ସ୍କୁଲକୁ ବଦଳି ହୋଇଥିଲେ । କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି ସେମାନଙ୍କୁ ବଦଳି କରାଯାଇଥିବାର ଅଭିଯୋଗ ଆଣି ଉଭୟ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । କୋର୍ଟ ସେମାନଙ୍କ ବଦଳି ଉପରେ ଅନ୍ତରୀଣ ରହିତାଦେଶ ଜାରୀ କରିଛନ୍ତି । ଏଥିସହ ରାଜ୍ୟ ସରକାରଙ୍କ ଦ୍ୱାରା ମେ'ମାସ ୧୩ ତାରିଖରେ ପ୍ରକାଶ କରାଯାଇଥିବା ବିଜ୍ଞପ୍ତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ।

# ଗୋଟିଏ ସପ୍ତାହରେ ୪ କ୍ୱିଣ୍ଟାଲ ସୁନା କିଣିଲା ରିଜର୍ଭ ବ୍ୟାଙ୍କ




**ମୁମ୍ବାଇ, ୩୧/୭**

ଶେଷ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପୁଣି ଥରେ ବିପୁଳ ପରିମାଣରେ ସୁନା କ୍ରୟ କରିଛି । ରିଜର୍ଭ ବ୍ୟାଙ୍କ ମାତ୍ର ଗୋଟିଏ ସପ୍ତାହରେ ପ୍ରାୟ ୪ କ୍ୱିଣ୍ଟାଲ (୦.୨ ଟନ୍) ସୁନା କିଣିଛି, ଯାହା ଦ୍ୱାରା ଦେଶର ମୋଟ ସୁନା ଭଣ୍ଡାର ୨୭ ଜୁନ୍ ସୁଦ୍ଧା ୮୭୯.୮ ଟନ୍ ହୋଇଛି । ଗୋଟିଏ ସପ୍ତାହ ପୂର୍ବରୁ ଏହି ସଂଖ୍ୟା ୮୭୯.୬ ଟନ୍ ଥିଲା । ଏହି କ୍ରୟ ଏପରି ସମୟରେ କରାଯାଇଛି ଯେତେବେଳେ ରିଜର୍ଭ ବ୍ୟାଙ୍କ ଏହି ଆର୍ଥିକ ବର୍ଷର ଆରମ୍ଭରେ ସୁନା କିଣିବା ବିଷୟରେ ଟିକେ ସତର୍କ ଥିଲା । କିନ୍ତୁ ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାରୁ, ରିଜର୍ଭ ବ୍ୟାଙ୍କ ପୁଣି ଥରେ ସୁନା ଆଡ଼କୁ ମୁହାଁଇଛି । ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଦେଖାଯାଉଛି, ସୁନା ଡଲାର କିମ୍ବା ଅନ୍ୟାନ୍ୟ ବିଦେଶୀ ମୁଦ୍ରା ଅପେକ୍ଷା ଏକ ଅଧିକ ନିର୍ଭରଯୋଗ୍ୟ ସମ୍ପତ୍ତି । ଏହି ଚିନ୍ତାଧାରା ଯୋଗୁଁ ୨୦୨୪-୨୫ ପ୍ରଥମାର୍ଦ୍ଧରେ ସୁନା ଭାରତର ବିଦେଶୀ ମୁଦ୍ରା ଭଣ୍ଡାରର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅଂଶ ପାଲଟିଛି । ୧୮ ଜୁଲାଇ, ୨୦୨୫ ସୁଦ୍ଧା, ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ସୁନାର ଅଂଶ ୧୨.୧%କୁ ବୃଦ୍ଧି ପାଇଛି । ଯେଉଁଠାରେ ଠିକ୍ ଗୋଟିଏ ବର୍ଷ ପୂର୍ବେ ଅର୍ଥାତ୍ ୧୯ ଜୁଲାଇ ୨୦୨୪ରେ ଏହି ଅଂଶ ମାତ୍ର ୮.୯% ଥିଲା ।

# ଦୁର୍ଘଟଣା ମାମଲାରେ ସୁପ୍ରିମକୋର୍ଟଙ୍କ ବଡ଼ ଟିପ୍ପଣୀ : ହାଇୱେରେ ହଠାତ ବ୍ରେକ୍ ମାରିବା ଦାୟିତ୍ୱହୀନତା

**ନୂଆଦିଲ୍ଲୀ, ୩୧/୭**

କୌଣସି ସତର୍କତା ବିନା ହାଇୱେରେ ହଠାତ୍ ଗାଡ଼ିର ବ୍ରେକ୍ ଲଗାଇବା ଗୁରୁତର ଅବହେଳା । ଏପରି ସ୍ଥିତିରେ ଯଦି ଦୁର୍ଘଟଣା ଘଟେ ତେବେ ଏଥିପାଇଁ ହଠାତ ବ୍ରେକ୍ ଲଗାଇଥିବା ଡ୍ରାଇଭରଙ୍କୁ ଦାୟୀ କରାଯାଇ ପାରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ବିଚାରପତି ସୁଧାଂଶୁ ଧୂଳିଆ ଏବଂ ବିଚାରପତି ଅରବିନ୍ଦ କୁମାରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ବ୍ୟକ୍ତିଗତ ଜରୁରୀ ସ୍ଥିତି ଥିଲେ ସୁଦ୍ଧା ରାଜପଥ ଉପରେ ଗାଡ଼ି ଅଟକାଇବାକୁ ଯଥାର୍ଥ ବୋଲି କୁହାଯାଇ ପାରିବ ନାହିଁ । ଯଦି ଏହା ଦ୍ୱାରା ଅନ୍ୟ କେହି ବିପଦରେ ପଡ଼ନ୍ତି, ତେବେ ଏଥିପାଇଁ ବ୍ରେକ୍ ଲଗାଇଥିବା ଡ୍ରାଇଭର ଦାୟୀ ହୋଇପାରନ୍ତି । ୮ ବର୍ଷ ପୂର୍ବରୁ, ୭ ଜାନୁଆରୀ, ୨୦୧୭ରେ ତାମିଲନାଡୁର କୋଏମ୍ବାଟୁରରେ ହଠାତ୍ ବ୍ରେକ୍ ମାରିବା ଯୋଗୁଁ ହୋଇଥିବା ଏକ ଦୁର୍ଘଟଣା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି । ଏହି ଦୁର୍ଘଟଣାରେ ଶିକାର ହୋଇଥିବା ଇଞ୍ଜିନିୟରିଂ ଛାତ୍ର ଏସ୍ ମହମ୍ମଦ ହାକିମଙ୍କ ବାମ ଗୋଡ଼ କାଟିବାକୁ ପଡ଼ିଥିଲା । ମହମ୍ମଦ ହାକିମ ଏ ସମ୍ପର୍କରେ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ । ଆବେଦନରେ କହିଥିଲେ ଯେ, ସେ ତାଙ୍କ ମୋଟର ସାଇକେଲରେ ରାଜପଥରେ ଯାଉଥିବା ସମୟରେ ଏହି ଘଟଣା ଘଟିଥିଲା । ତାଙ୍କ ଆଗରେ ଯାଉଥିବା ଏକ କାର୍ ହଠାତ୍ ବ୍ରେକ ଲଗାଇଥିଲା । ଫଳରେ ତାଙ୍କ ବାଇକ୍ କାରର ପଛ ପଟେ ଧକ୍କା ହୋଇଥିଲା । ସେ ରାସ୍ତାରେ ପଡ଼ିଯାଇଥିଲେ ଏବଂ ପଛରୁ ଆସୁଥିବା ଏକ ବସ୍ ତାଙ୍କୁ ଚାପି ଦେଇଥିଲା । କାର୍ ଡ୍ରାଇଭର ଦାବି କରିଥିଲେ ଯେ, ତାଙ୍କ ଗର୍ଭବତୀ ପତ୍ନୀଙ୍କୁ ବାନ୍ତି ଲାଗିବା ଭଳି ଅନୁଭବ ହେବାରୁ ସେ ହଠାତ୍ ବ୍ରେକ୍ ଲଗାଇଥିଲେ । କିନ୍ତୁ କୋର୍ଟ ତାଙ୍କର ଏହି ଯୁକ୍ତିକୁ ଖାରଜ କରିଦେଇଛନ୍ତି । ହାଇୱେ ମଝିରେ ହଠାତ୍ କାର୍ ଅଟକାଇବା କୌଣସି ସ୍ଥିତିରେ ଠିକ୍ ନୁହେଁ । କୋର୍ଟ ଡ୍ରାଇଭରଙ୍କ ଏହି ଯୁକ୍ତିକୁ ଖାରଜ କରିଦେଇଛନ୍ତି ଏବଂ ତାଙ୍କୁ ଏହି ସଡ଼କ ଦୁର୍ଘଟଣା ପାଇଁ ୫୦ ପ୍ରତିଶତ ଦାୟୀ କରିଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ, କାର୍ ଡ୍ରାଇଭରଙ୍କ ହଠାତ୍ ବ୍ରେକ୍ ଦେବା ଯୋଗୁଁ ଦୁର୍ଘଟଣା ଘଟିଛି ବୋଲି ଅଣଦେଖା କରାଯାଇପାରିବ ନାହିଁ । ସେହି ସମୟରେ, କୋର୍ଟ ଆବେଦନକାରୀ ହାକିମଙ୍କୁ ୨୦% ଅବହେଳା ପାଇଁ ଦାୟୀ କରିଥିବା ବେଳେ ବସ୍ ଡ୍ରାଇଭରଙ୍କ ଭୁଲ ୩୦ ପ୍ରତିଶତ ଥିବା କହିଛନ୍ତି । ବର୍ଦ୍ଧିତ କ୍ଷତିପୂରଣ ପାଇଁ ପୀଡିତଙ୍କ ଆବେଦନକୁ ଗ୍ରହଣ କରି ଖଣ୍ଡପୀଠ କହିଛନ୍ତି, ଆବେଦନକାରୀ ଗାଡ଼ିଠାରୁ ପର୍ଯ୍ୟାପ୍ତ ଦୂରତା ବଜାୟ ରଖିନଥିଲେ । ବୈଧ ଲାଇସେନ୍ସ ବିନା ମୋଟର ସାଇକେଲ ଚଲାଉଥିଲେ । ସୁପ୍ରିମକୋର୍ଟ ମୋଟ କ୍ଷତିପୂରଣ ପରିମାଣ ୧.୧୪ କୋଟି ଟଙ୍କା ସ୍ଥିର କରିଥିଲେ । କିନ୍ତୁ ଆବେଦନକାରୀଙ୍କ ଅବହେଳା ଯୋଗୁଁ ଏହାକୁ ୨୦% ହ୍ରାସ କରିଛନ୍ତି । କ୍ଷତିପୂରଣ ରାଶି ବସ୍ ଏବଂ କାର୍‌ର ବୀମା କମ୍ପାନୀଗୁଡ଼ିକ ଦ୍ୱାରା ଚାରି ସପ୍ତାହ ମଧ୍ୟରେ ପୀଡିତଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ ।



# ଡ. ବି.କେ ମିଶ୍ର ଇମ୍ଫାର ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ

**ଭୁବନେଶ୍ୱର, ୩୧/୭ ନ୍ୟୁଜ ବ୍ୟୁରୋ**

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା) ଦେଶର ପ୍ରମୁଖ ଫେରୋ ଆଲୟଜ୍ ଉତ୍ପାଦକ ଡକ୍ଟର ବି କେ ମିଶ୍ରଙ୍କୁ କମ୍ପାନୀର ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଛି । ଡକ୍ଟର ବି କେ ମିଶ୍ର ଏନ.ଆଇ.ଟି ରାଉରକେଲାର ଜଣେ ମେଟାଲ୍‌ଲୁରଜିକାଲ୍ ଇଞ୍ଜିନିୟର ଏବଂ ଯୁକ୍ତରାଷ୍ଟ୍ରର ଉତ୍ସାହ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି । ସେ ଆଇ.ଆଇ କାନପୁରରେ ପାଠପଢ଼ା କରିଥିଲେ ଏବଂ ଶିକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ପ୍ରମୁଖ ପଦବୀରେ ରହିଥିଲେ । ସେ ମାର୍ଚ୍ଚ ୨୦୨୪ରେ ସ୍ୱାଧୀନ ନିର୍ଦ୍ଦେଶକ ଭାବରେ ବୋର୍ଡରେ ଯୋଗ ଦେଇଥିଲେ । ଡକ୍ଟର ମିଶ୍ର ଧାତୁ ବିଜ୍ଞାନ, ବସ୍ତୁ ବିଜ୍ଞାନ ଏବଂ ଶିଳ୍ପ ଗବେଷଣା ଓ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଅନେକ ପୁରସ୍କାର ପାଇଛନ୍ତି, ଯେଉଁଥିରେ ଶିକ୍ଷା, ଗବେଷଣା ଏବଂ ସମାଜରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଷ୍ଠିତ ଆଇଇଇଆଇଏଏସ୍ ଗ୍ଲୋବାଲ୍ ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ମଧ୍ୟ ଅନ୍ତର୍ଭୁକ୍ତ । ପଦ୍ମଶ୍ରୀ ଏନ.ଆର ମହାନ୍ତିଙ୍କ ଅବସର ପରେ, ଯିଏ ତାଙ୍କ କାର୍ଯ୍ୟକାଳ ସମାପ୍ତ କରିବା ପରେ ପଦରୁ ଇସ୍ତଫା ଦେଇଥିଲେ ତାଙ୍କ ସ୍ଥାନରେ ଡକ୍ଟର ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବରେ ଏକ ବିଶିଷ୍ଟ କ୍ୟାରିୟର ପରେ ଶ୍ରୀ ମହାନ୍ତି ୨୦୦୫ରେ ଜଣେ ସ୍ୱାଧୀନ ନିର୍ଦ୍ଦେଶକ ଭାବରେ ବୋର୍ଡରେ ଯୋଗ ଦେଇଥିଲେ ଏବଂ ଜୁଲାଇ, ୨୦୨୧ରେ ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ । ଏହି ବିଷୟରେ ମତାମତ ଦେଇ ପରିଚାଳନା ନିର୍ଦ୍ଦେଶକ ଶୁଭକାନ୍ତ ପଣ୍ଡା କହିଛନ୍ତି ଯେ, 'ମୁଁ ପରିଚାଳନା ପକ୍ଷରୁ ଡକ୍ଟର ବି କେ ମିଶ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । କମ୍ପାନୀର ମୂଳ ବ୍ୟବସାୟ ସମ୍ପର୍କରେ ତାଙ୍କର ଅସାଧାରଣ ଜ୍ଞାନ ଅଛି ଏବଂ ଆମେ ଏହି କ୍ଷେତ୍ରରେ ସ୍ପଷ୍ଟ ନେତା ଭାବରେ ଉଭା ହେବା ପାଇଁ ସମ୍ପ୍ରସାରଣ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ତାଙ୍କ ମାର୍ଗଦର୍ଶନ ପାଇଁ ମୁଁ ଅପେକ୍ଷା କରିଛି । ଶ୍ରୀ ପଣ୍ଡା ଆହୁରି କହିଛନ୍ତି: 'ମୁଁ ଏନ.ଆର ମହାନ୍ତିଙ୍କ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ କୃତଜ୍ଞତା ପ୍ରକାଶ କରିବାକୁ ଚାହୁଁଛି ଯାହା ବର୍ଷ ବର୍ଷ ଧରି ଆମକୁ ବ୍ୟବସାୟ ଚକ୍ର ମାଧ୍ୟମରେ ଗତି କରିବାରେ ଏବଂ ଅଂଶୀଦାରମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାରେ ଧ୍ୟାନ ଦେବାରେ ସାହାଯ୍ୟ କରିଛି । ମୋ ସହକର୍ମୀଙ୍କ ତରଫରୁ ମୁଁ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ କାମନା କରୁଛି ।



# ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ : ମୃତକଙ୍କ ପରିବାରକୁ ମିଳିବ କ୍ଷତିପୂରଣ



**ଭୁବନେଶ୍ୱର, ୩୧/୦୮ ନ୍ୟୁଜ ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ବାଘଧରିଆ ଗାଁରେ ହାତୀ ଆକ୍ରମଣରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ପରିବାରକୁ କ୍ଷତିପୂରଣ ମିଳିବ ବୋଲି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଘୋଷଣା କରିଛନ୍ତି । ଶ୍ରୀ ଖୁଣ୍ଟିଆ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଏହା ସହ କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ରାସୋଲ ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବିତ କରାଯାଇଛି । ସୂଚନାନୁଯାୟୀ, ବାଘଧରିଆ ଗ୍ରାମର ଝୁଲଣ ଦେହୁରୀ ଗୁରୁବାର ସକାଳୁ ଶୌଚ ହେବାପାଇଁ ଘର ପଛପଟକୁ ଯାଇଥିଲେ । ଏହି ସମୟରେ ସେଠାରେ ପୂର୍ବରୁ ଥିବା ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା । ତାଙ୍କ ଚିତ୍କାର ଶୁଣି ଦେଢଶୂର କରୁଣାକର ଦୌଡ଼ି ଆସିବାରୁ ହାତୀ ତାଙ୍କୁ ଆକ୍ରମଣ କରିଥିଲା । ଘଟଣା ସ୍ଥଳରେ ଉଭୟ ଦେଢଶୂର ଓ ଭାଇବୋହୂଙ୍କ ମୃତ୍ୟୁ ଘଟିଥିଲା । ସେଠାରୁ ହାତୀଟି ପଳାଇ ଯାଇ କିଛି ଦୂରରେ ଶଶୀ ସାହୁଙ୍କୁ ମଧ୍ୟ ଟେକି କଚାଡି ଦେଇଥିଲା । ଗୁରୁତର ଶଶୀ ସାହୁଙ୍କୁ ପ୍ରଥମେ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପଟେ ହାତୀ ଆକ୍ରମଣ କରିବା ପରେ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ହାତୀପଲ ଗାଁ ଛାଡ଼ି ଯାଇନଥିଲେ । ବନ ବିଭାଗ କର୍ମଚାରୀଙ୍କୁ ଫୋନ୍ କରାଯାଇଥିଲେ ସୁଦ୍ଧା କେହି ପହଞ୍ଚି ନଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ହାତୀପଲ ଚାଲିଯିବା ପରେ ମୃତଦେହକୁ ଗ୍ରାମବାସୀ ସାତମାଇଲି ଛକରେ ରଖି ରାସ୍ତା ଅବରୋଧ କରିଥିଲେ । ତେବେ ଗତ କିଛିଦିନ ଧରି ଏହି ଅଞ୍ଚଳରେ ହାତୀ ଉପଦ୍ରବ ଅନେକ ପରିମାଣରେ ବଢ଼ି ଯାଇଛି । ବନ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ବନ୍ୟା ପାଣିରେ 'ସାପ' ଡର : ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି

# ଗତବର୍ଷ ସାପ କାମୁଡ଼ାରେ ଯାଇଛି ୧୬, ୬୮୨ ଜୀବନ

**ଭୁବନେଶ୍ୱର, ୩୧/୭ ନ୍ୟୁଜ ବ୍ୟୁରୋ**

ବନ୍ୟାଞ୍ଚଳରେ ସାପ କାମୁଡା ପାଇଁ ସତର୍କ ସୂଚନା ଜାରି ହୋଇଛି । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବନ୍ୟା ପ୍ରଭାବିତ ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ ଜିଲ୍ଲାର ସିଡିଏମଓଙ୍କ ସହ ଆଲୋଚନା କରିଛନ୍ତି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ସବୁ ସିଏଚ୍‌ସି ଓ ପିଏଚ୍‌ସିରେ ଆଣ୍ଟି ସ୍ନେକ ଭେନମ ମହଜୁଦ ରଖିଛନ୍ତି । ସାପ କାମୁଡ଼ିଲେ ତୁରନ୍ତ ମେଡିକାଲ ଯିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିବା ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର । ରାଜ୍ୟରେ ସାପ କାମୁଡ଼ା ସଂଖ୍ୟା ଓ ଏହାଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ୨୦୨୧ରେ ୨ ହଜାର ୨୮୦ ସାପ କାମୁଡ଼ା ମାମଲା ଆସିଥିବା ବେଳେ ୮୪୪ ଜଣ ସାପ କାମୁଡ଼ାରେ ପ୍ରାଣ ହରାଇଥିଲେ । ୨୦୨୨ରେ ୪ ହଜାର ୮୫୫ କେସ୍ ଆସିଥିବା ବେଳେ ୧୦୦୦୧ଜଣଙ୍କ ମୃତ୍ୟୁ ହୋଇଛି । ୨୦୨୩ରେ ୯ ହଜାର ୩୨୫ ମାମଲା ଆସିଥିବା ବେଳେ ୧୦୧୬ ଜଣ ଲୋକ ସାପ କାମୁଡାରେ ପ୍ରାଣ ହରାଇଥିଲେ । ଗତବର୍ଷ ୧୬, ୬୮୨ ସାପ କାମୁଡ଼ା ଘଟଣା ସାମ୍ନାକୁ ଆସିଛି । ଏପଟେ କନ୍ଧମାଳରେ ସାପ କାମୁଡ଼ାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି । କନ୍ଧମାଳ ଖଜୁରୀପଡ଼ା ଥାନା ଖଲିବେରଣା ଗାଁର ମାନସ ହଂସ ରାତିରେ ଘରେ ଶୋଇଥିବା ସମୟରେ କୌଣସି ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା । ଫଳରେ ଚିତ୍କାର କରି ଉଠିପଡ଼ିଥିଲେ ଏବଂ ପରିବାରଲୋକେ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ସେହିଭଳି ଗୋଛାପଡ଼ା ଥାନା ଅଞ୍ଚଳରେ ସାପ କାମୁଡ଼ାରେ ନିମା ବିନ୍ଧାଣି ନାମକ ଯୁବକଙ୍କ ମୃତ୍ୟୁ ହୋଇଛି । ସେ ବି ରାତିରେ ଶୋଇଥିବା ସମୟରେ ତାଙ୍କୁ କୌଣସି ଏକ ବିଷାକ୍ତ ସାପ କମୁଡ଼ି ଦେଇଥିଲା ।

## ଉଚ୍ଚ ଶିକ୍ଷା ବିଭାଗର କଡ଼ା ନିର୍ଦ୍ଦେଶ

# ସି-ବକ୍ସ ପୋର୍ଟାଲରେ ଅପଲୋଡ୍ ହେବ ଯୌନ ନିର୍ଯାତନା ଅଭିଯୋଗ

**ଭୁବନେଶ୍ୱର,୩୧/୦୭ ନ୍ୟୁଜ ବ୍ୟୁରୋ**

ବାଲେଶ୍ୱରରେ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ପରେ ରାଜ୍ୟ ସରକାର ନେଇଛନ୍ତି ବଡ଼ ପଦକ୍ଷେପ । ଶିକ୍ଷାନୁଷ୍ଠାନରେ ନିର୍ଯାତନା ସମ୍ପର୍କିତ ଅଭିଯୋଗ ଗ୍ରହଣ ଏବଂ ଏହାର ସମାଧାନ ସୁନିଶ୍ଚିତ କରିବା ପାଇଁ ସି-ବକ୍ସ ପୋର୍ଟାଲ୍ (https://shebox.wcd.gov.in/)ରେ ଅପଲୋଡ ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିକଶିତ ସି-ବକ୍ସ ପୋର୍ଟାଲରେ ସମସ୍ତ ତଥ୍ୟ ଅପଲୋଡ୍ କରିବା ବାଧ୍ୟତାମୂଳକ । ପ୍ରତିଟି ଅଭିଯୋଗ ଏବଂ ତାହାର ତଦନ୍ତ ବିବରଣୀ ଓ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବେ । ଶିକ୍ଷାନୁଷ୍ଠାନ ବା କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ସମ୍ପର୍କିତ ସଚେତନତା ତଥ୍ୟ ଉଲ୍ଲେଖ ରହିବ । ଏହାସହ ଆଭ୍ୟନ୍ତରୀଣ କମିଟି (ଆଇସି) ବା ସ୍ଥାନୀୟ କମିଟିର ସମ୍ପୂର୍ଣ୍ଣ ବିବରଣୀ ପୋର୍ଟାଲରେ ଅପଲୋଡ୍ କରିବା ପ୍ରମୁଖ କାର୍ଯ୍ୟ ବୋଲି କୁହାଯାଇଛି । ଏଥିପାଇଁ ନୋଡାଲ୍ ଅଫିସର ନିଯୁକ୍ତ କରିବା ସହ ସେମାନଙ୍କ ତଥ୍ୟ ସି-ବକ୍ସ ପୋର୍ଟାଲରେ ଅପଲୋଡ୍ କରିବେ । ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସହ ଶିକ୍ଷାନୁଷ୍ଠାନର ବିଭିନ୍ନ ବିବରଣୀ ଅଗଷ୍ଟ ୧ ତାରିଖ ସୁଦ୍ଧା ପୋର୍ଟାଲରେ ଅପଲୋଡ୍ କରିବାକୁ ବିଭାଗ ପକ୍ଷରୁ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ, ନିକଟରେ ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣାରେ ତତ୍ପର ହୋଇଛି ଉଚ୍ଚଶିକ୍ଷା ବିଭାଗ । କଲେଜ, ବିଶ୍ୱବିଦ୍ୟାଳୟରେ କିଭଳି ଭାବେ ନିର୍ଯାତନା ପ୍ରତିରୋଧ କରାଯିବ, ଏପରି ଅଭିଯୋଗ ଆସିଲେ ତ୍ୱରିତ ତଦନ୍ତ କରି ସମାଧାନ କରାଯିବ ସେଥିପ୍ରତି ତତ୍ପରତା ପ୍ରକାଶ କରିଛି । ଆଇସିସି କମିଟି ଗଠନ ହୋଇଛି କି ନାହିଁ ଏହା କାର୍ଯ୍ୟକ୍ଷମ ଅଛି କି ନାହିଁ ୱେବସାଇଟ୍, କଲେଜ, ବିଶ୍ୱବିଦ୍ୟାଳୟ ନିଜର ସବିଶେଷ ତଥ୍ୟ ଦେଇଛନ୍ତି କି ନାହିଁ, ତା'ର ତନ୍ନ ତନ୍ନ ଯାଞ୍ଚ କରାଯାଉଛି । ସେହିପରି କର୍ମଶାଳା ସହ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ସିସି ଟିଭି ସ୍ଥାପନକୁ ଗୁରୁତ୍ୱ ଦିଆଯାଇଛି । ଏନେଇ ଚିଠି ମଧ୍ୟ ହୋଇଛି । ସ୍ୱଚ୍ଛତାର ସହ ଅଭିଯୋଗକୁ ଠିକ୍ ସମୟରେ ଶେଷ କରିବାକୁ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । ଶୂନ୍ୟ ସହନଶୀଳତା ନୀତି ଆପଣାଇବାକୁ ମଧ୍ୟ କୁହାଯାଇଛି ।

# ଜ୍ୱରପୀଡିତ ଶିଶୁକୁ ଦିଆଗଲା କୁକୁର କାମୁଡ଼ା ଇଂଜେକସନ !



**ବଣାଇ, ୩୧/୭ ନ୍ୟୁଜ ବ୍ୟୁରୋ**

ଜ୍ୱର ପାଇଁ ଯାଇଥିବା ଶିଶୁକୁ ଡାକ୍ତର କୁକୁର କାମୁଡ଼ା ଇଂଜେକସନ ଦେଇଥିବା ଅଭିଯୋଗ ହୋଇଛି । ଏଭଳି ସଂଗୀନ ଅଭିଯୋଗ ଆସିଛି ବଣାଇ ଉପଖଣ୍ଡ ଚିକିତ୍ସାଳୟରୁ । ଅଭିଯୋଗ ମୁତାବକ, ବଣାଇ ଜଗନ୍ନାଥପୁର ଅଞ୍ଚଳରୁ ଜଣେ ମହିଳା ତାଙ୍କ ଶିଶୁ ସନ୍ତାନକୁ ଜ୍ୱର ହୋଇଥିବାରୁ ଚିକିତ୍ସା ପାଇଁ ମେଡିକାଲ ଆଣିଥିଲେ । ତେବେ ସେଠାରେ ଶିଶୁବିଭାଗର ଜଣେ ଡାକ୍ତର ଶିଶୁକୁ ଦେଖିବା ପରେ ପ୍ରେସକ୍ରିପସନରେ ଔଷଧ ଲେଖିଥିଲେ । ତେବେ ଉକ୍ତ ପ୍ରେସକ୍ରିପସନଟିକୁ ମେଡିସିନ୍ ଷ୍ଟୋରରେ ଦେଖାଇବାପରେ କର୍ମଚାରୀ ଜଣଙ୍କ ଶିଶୁଟିକୁ କୁକୁର କାମୁଡ଼ିଛି କି ବୋଲି ପଚାରିବାରୁ ମହିଳାଙ୍କର ସନ୍ଦେହ ହୋଇଥିଲା । ଏନେଇ ଡାକ୍ତରଙ୍କୁ ଆସି ପଚାରିବାରୁ ସେ ପୂର୍ବ ପ୍ରେସକ୍ରିପସନକୁ ବଦଳାଇ ଆଉ ଏକ ପ୍ରେସକ୍ରିପସନ ଲେଖିଥିବା ଅଭିଯୋଗ କରିଛନ୍ତି ଶିଶୁର ପରିବାର ଲୋକେ । ତେଣେ ଏହି ଅଭିଯୋଗକୁ ସଂପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି ଚିକିତ୍ସା କରିଥିବା ଡାକ୍ତର । କୁକୁର କାମୁଡା ଇଂଜେକସନ ନୁହେଁ ବରଂ ଭ୍ୟାକସିନ୍ ଦିଆଯାଇଥିବା କହିଛନ୍ତି ଡାକ୍ତର ।

# ଭାରତୀୟ ରେଳ ନିମ୍ନ-ମଧ୍ୟମ ଆୟ ବର୍ଗ ପରିବାରକୁ ସୁଲଭ ଯାତ୍ରା ଉପଲବ୍ଧ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ: ଅଶ୍ୱିନୀ ବୈଷ୍ଣବ

**ନୂଆଦିଲ୍ଲୀ, ୩୧/୭**

ଜନସାଧାରଣଙ୍କ ପାଇଁ ସମନ୍ୱିତ, ସୁଲଭ ଏବଂ ଆଧୁନିକ ରେଳ ଯାତ୍ରା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଭାରତୀୟ ରେଳ ବ୍ୟାପକ ସଂସ୍କାର ଏବଂ ନବସୃଜନ କରୁଛି । ଏହି କ୍ରମରେ ଅମୃତ ଭାରତ ଏକ୍ସପ୍ରେସର ପ୍ରଚଳନ ଅନ୍ତର୍ଭୁକ୍ତ - ଏକ ସମ୍ପୂର୍ଣ୍ଣ ଅଣ-ଏସି ଟ୍ରେନ ଯାହା ସାଧାରଣ ବର୍ଗର ଯାତ୍ରୀଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରେ । ଲୋକସଭାରେ ସୂଚନା ପ୍ରଦାନ କରି କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଭାରତୀୟ ରେଳ ସକ୍ରିୟ ଭାବରେ ଅଣ-ଏସି କୋଚ୍‌ର ଅନୁପାତ ବୃଦ୍ଧି କରୁଛି, ସୁଲଭ ଭଡ଼ା ସହିତ ଟ୍ରେନ୍ ପରିଚାଳନା କରୁଛି ଏବଂ ଅଣସଂରକ୍ଷିତ ଯାତ୍ରାକୁ ଆଧୁନିକୀକରଣ କରିବା ପାଇଁ ନୂତନ ପିଢ଼ିର ଅମୃତ ଭାରତ ଟ୍ରେନ ନିର୍ମାଣ କରୁଛି । ଏହି ଆଧୁନିକୀକରଣ ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ହେଉଛି ଅଣ-ବାତାନୁକୂଳିତ (ନନ-ଏସି) ଯାତ୍ରା ଉପରେ ଧ୍ୟାନ କେନ୍ଦ୍ରିତ କରିବା । ବର୍ତ୍ତମାନ ଭାରତୀୟ ରେଳ ନେଟୱାର୍କରେ ସମସ୍ତ କୋଚ୍‌ର ପ୍ରାୟ ୭୦% ନନ୍-ଏସି କୋଚ୍ ଅଛି, ମୋଟ ୮୨,୨୦୦ରୁ ପ୍ରାୟ ୫୭,୨୦୦ ଏପରି କୋଚ୍ ଅଛି । ଆସନ ଦୃଷ୍ଟିରୁ ମୋଟ ଟ୍ରେନ୍ ସିଟ୍‌ର ପ୍ରାୟ ୭୮% - ୬୯ ଲକ୍ଷରୁ ପ୍ରାୟ ୫୪ ଲକ୍ଷ - ନନ୍-ଏସି ଯାହା ଭାରତୀୟ ଜନତାଙ୍କ ମଧ୍ୟରେ ଏହି ବର୍ଗ ପାଇଁ ଏକ ସ୍ପଷ୍ଟ ପସନ୍ଦକୁ ପ୍ରତିଫଳିତ କରେ । ଏହି ରଣନୈତିକ ଧ୍ୟାନ ଯାତ୍ରୀଙ୍କ ତଥ୍ୟରେ ମଧ୍ୟ ସ୍ପଷ୍ଟ । ୨୦୨୪-୨୫ରେ ପ୍ରାୟ ୬୫୧ କୋଟି ଯାତ୍ରୀ ସାଧାରଣ କିମ୍ବା ଅଣସଂରକ୍ଷିତ କୋଚ୍‌ରେ ଯାତ୍ରା କରିଥିଲେ ଯାହା ୨୦୨୩-୨୪ରେ ୬୦୯ କୋଟି ଏବଂ ୨୦୨୨-୨୩ରେ ୫୫୩ କୋଟି ଥିଲା । ଏହି ସଂଖ୍ୟାଗୁଡ଼ିକ ମହାମାରୀ ବର୍ଷରୁ ଏକ ଯଥେଷ୍ଟ ବୃଦ୍ଧିକୁ ଚିହ୍ନିତ କରେ, ଯାହା ବଜେଟ୍ ଯାତ୍ରା ବିକଳ୍ପ ପାଇଁ ଚାହିଦାରେ ଏକ ସ୍ଥିର ବୃଦ୍ଧି ଦର୍ଶାଉଛି । ଏହି ବର୍ଦ୍ଧିତ ଚାହିଦାକୁ ଉନ୍ନତ ସେବା ଗୁଣବତ୍ତା ସହିତ ମେଳ କରିବା ପାଇଁ ଭାରତୀୟ ରେଳବାଇ ଅମୃତ ଭାରତ ଏକ୍ସପ୍ରେସ୍ ଆରମ୍ଭ କରିଛି- ଭାରତରେ ସାଧାରଣ ଶ୍ରେଣୀ ଯାତ୍ରାକୁ ପୁନଃପରିଭାଷିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ଆଧୁନିକ ସମ୍ପୂର୍ଣ୍ଣ ଅଣ-ଏସି ଟ୍ରେନ୍ ସେବା । ଏପର୍ଯ୍ୟନ୍ତ ଉତ୍ପାଦନ ପାଇଁ ମଞ୍ଜୁର ହୋଇଥିବା ୧୦୦ଟି ଟ୍ରେନ ମଧ୍ୟରୁ ୧୪ଟି ଅମୃତ ଭାରତ ଟ୍ରେନ କାର୍ଯ୍ୟକ୍ଷମ ହୋଇଛି । ପ୍ରତ୍ୟେକ ଅମୃତ ଭାରତ ଟ୍ରେନରେ ୧୧ଟି ଜେନେରାଲ କ୍ଲାସ କୋଚ୍, ୮ଟି ସ୍ଲିପର୍ କ୍ଲାସ କୋଚ୍, ୧ଟି ପ୍ୟାଣ୍ଟ୍ରି କାର୍ ଏବଂ ୨ଟି ଲଗେଜ୍/ଗାର୍ଡ ଭ୍ୟାନ୍ ରହିଛି ଯେଉଁଥିରେ ଭିନ୍ନକ୍ଷମ ଯାତ୍ରୀଙ୍କ ପାଇଁ ଏକ କମ୍ପାର୍ଟମେଣ୍ଟ ଅଛି । ଏହି ଟ୍ରେନଗୁଡ଼ିକ ବନ୍ଦେ ଭାରତ ଏକ୍ସପ୍ରେସ ଦ୍ୱାରା ଅନୁପ୍ରାଣିତ ଉନ୍ନତ ଡିଜାଇନ୍ ବୈଶିଷ୍ଟ୍ୟ ସହିତ ନିର୍ମିତ ହୋଇଛି, ଯାହା କେବଳ ସୁଲଭ ନୁହେଁ ବରଂ ଏକ ଉତ୍କୃଷ୍ଟ ଯାତ୍ରା ଅଭିଜ୍ଞତା ମଧ୍ୟ ସୁନିଶ୍ଚିତ କରିଥାଏ । ଯାତ୍ରୀ-କେନ୍ଦ୍ରିକ ବୈଶିଷ୍ଟ୍ୟ ଏବଂ ସୁରକ୍ଷା ଦିଗକୁ ଏଥିରେ ଧ୍ୟାନ ପ୍ରଦାନ କରାଯାଇଛି । ଅମୃତ ଭାରତ ଟ୍ରେନଗୁଡ଼ିକ ସୁରକ୍ଷା ଏବଂ ଆରାମଦାୟକ ଅପଗ୍ରେଡ୍‌ର ଏକ ସମ୍ମିଶ୍ରଣ ପ୍ରଦାନ କରେ । ଏଥିରେ ଏକ ସୁଗମ ଯାତ୍ରା ପାଇଁ ଜର୍କ-ମୁକ୍ତ ସେମି-ଅଟୋମେଟିକ୍ କପଲର୍ ରହିଛି । ସହଜ ପ୍ରବେଶ ପାଇଁ ଉନ୍ନତ ସିଡ଼ି ସହିତ ଆଧୁନିକ ଶୌଚାଳୟ ଏବଂ ବର୍ଥ ଡିଜାଇନ୍ ସାମିଲ୍ କରାଯାଇଛି ବୋଲି ସେ କହିଛନ୍ତି ।



# ୨୧୩ ଗ୍ରାମ୍ ବ୍ରାଉନ ସୁଗାର ସହ ଲକ୍ଷାଧିକ ଟଙ୍କା ଜବତ : ୨୧ ଅଭିଯୁକ୍ତ ଗିରଫ



**କେନ୍ଦୁଝର, ୩୧/୦୭ ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ପୁଲିସକୁ ବଡ଼ ସଫଳତା ମିଳିଛି । ବ୍ରାଉନ ସୁଗାର କାରବାର କରୁଥିବା ଅଭିଯୋଗରେ ୨୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ଏଥିସହ ସେମାନଙ୍କ ଠାରୁ ୨୧୩ ଗ୍ରାମ୍ ବ୍ରାଉନ ସୁଗାର ଓ ନଗଦ ୮ ଲକ୍ଷ ୩୦ ହଜାର ଟଙ୍କା ସହ ୧୨ଟି ମୋବାଇଲ ଜବତ ହୋଇଛି । ସୂଚନା ମୁତାବକ, କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ ସ୍କ୍ୱାର୍ଡ ପକ୍ଷରୁ ୨ ଦିନ ଧରି ଆନନ୍ଦପୁର ଉପଖଣ୍ଡ ଘଷିପୁରା, ଆନନ୍ଦପୁର, ରାମଚନ୍ଦ୍ରପୁର ଏବଂ ନନ୍ଦିପଦା ଥାନା ଅଞ୍ଚଳରେ ଚଢଉ ହୋଇଥିଲା । ବ୍ରାଉନ ସୁଗାର କାରବାର କରୁଥିବା ଅଭିଯୋଗରେ ବିଭିନ୍ନ ଥାନା ଅଞ୍ଚଳରୁ ୨୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେନ୍ଦୁଝରର ଅତିରିକ୍ତ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର । ତେବେ ବିଭିନ୍ନ ସମୟରେ ଆନନ୍ଦପୁର ଉପଖଣ୍ଡରେ ବ୍ରାଉନ ସୁଗାର କାରବାର ନେଇ ଅଭିଯୋଗ ହୋଇ ଆସୁଥିଲା । ଅଭିଯୋଗ ଆଧାରରେ ତଦନ୍ତ ପରେ ଶାଳପଡା ହାଟ ପଡିଆ, ଶାଳବଣି ଛକ ଆଦି ସ୍ଥାନରେ ଏହି କାରବାର ହେଉଥିବା ପୁଲିସ ପ୍ରକାଶ କରିଛି । ଏଥିସହ ଏହି ବ୍ରାଉନ ସୁଗାର କାରବାରରେ ଆହୁରି ଅନେକ ବ୍ୟକ୍ତି ସଂପୃକ୍ତ ଥିବାବେଳେ ସେମାନଙ୍କୁ ଗିରଫ କରାଯିବା ସହ ଚଢଉ ଜାରି ରହିବ ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଏସପି ।